# ପ୍ରସ୍ତାବିତ ୧୦୨୭ ଶିଳ୍ପ ମଧ୍ୟରୁ ୨୦୪ ପ୍ରତିଷ୍ଠା

■ ଘୋଷଣାରେ ସୀମିତ ଡାଉନ୍‌ଷ୍ଟ୍ରିମ ଶିଳ୍ପ
■ ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଆଶା ପରାହତ

**ଯାଜପୁର, ୧୩।୬(ହର୍ଷବର୍ଦ୍ଧନ ବେହେରା):** ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଓ ଶିଳ୍ପର ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ନିବେଶକୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୫ରେ ଓଡ଼ିଶା ଶିଳ୍ପ ବିକାଶ ଯୋଜନା-୨୦୨୫ ପରିକଳ୍ପନା କରାଯାଇଥିଲା। ଏଥିରେ ୫ଟି କ୍ଷେତ୍ର ଭିତ୍ତିକ ଶିଳ୍ପ ଯଥା ଫୁଡ୍ ଆଣ୍ଡ ଆଲାଏଡ ପ୍ରୋସେସିଂ, କେମିକାଲ୍ସ ଆଣ୍ଡ ପେଟ୍ରୋକେମିକାଲ୍ସ, ଟେକ୍ସଟାଇଲ, ଡାଉନଷ୍ଟ୍ରିମ ଆଣ୍ଡ ଆନ୍ସିଲିଆରି, ଆଇଟି ଆଣ୍ଡ ଆଇଟିଇଏସ୍ ମାଧ୍ୟମରେ ୨.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସହ ୩୦ ଲକ୍ଷ ନିଯୁକ୍ତି ହେବ ବୋଲି ଘୋଷଣା ହୋଇଥିଲା। ହେଲେ ଶିଳ୍ପ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ମେକ୍ ଇନ୍ ଓଡ଼ିଶା ଜରିଆରେ ୧୦୨୭ଟି ଶିଳ୍ପ ପ୍ରସ୍ତାବ ମଧ୍ୟରୁ ମାତ୍ର ୨୦୪ଟି ପ୍ରତିଷ୍ଠା ହୋଇଛି। ୨୦୧୬ରେ ମଞ୍ଜୁରପ୍ରାପ୍ତ ୫୮ରୁ ୩୬ଟି ପ୍ରକଳ୍ପ, ୨୦୧୮ରେ ମଞ୍ଜୁର ପ୍ରାପ୍ତ ୧୦୯ରୁ ୭୩ ଓ ୨୦୨୨ରେ ମଞ୍ଜୁରପ୍ରାପ୍ତ ୪୭୦ରୁ ୯୫ଟି ଶିଳ୍ପ ପ୍ରତିଷ୍ଠା ହୋଇଛି। ହେଲେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ନୂତନ ଶିଳ୍ପ ପ୍ରତିଷ୍ଠା ପ୍ରସ୍ତାବ ଅତି ନୈରାଶ୍ୟଜନକ ରହିଛି। ଭିସିଆଇ କମ୍ପାନୀ ବାଡ ନିର୍ମାଣ କରୁଥିବାବେଳେ ଜଟିଆ ଷ୍ଟିଲ ପ୍ରାୟ ସମ୍ପୂର୍ଣ୍ଣ ସ୍ଥିତିକୁ ଆସିଛି। ଅନ୍ୟପକ୍ଷେ ଇମ୍ଫା ଫେରୋ ଆଲଏଜ ନିକଟରେ ଜନଶୁଣାଣି ପ୍ରକ୍ରିୟା ସମ୍ପନ୍ନ କରି ବସି ରହିଛି। ଏଥିଯୋଗୁ ସରକାରଙ୍କ ସ୍ଥାନୀୟ ନିଯୁକ୍ତି ପ୍ରତିଶ୍ରୁତି ଫସର ଫାଟିଛି ବୋଲି ମତପ୍ରକାଶ ପାଇଛି।

ରାଜ୍ୟ ସରକାର ଶିଳ୍ପ ସହ ନିଯୁକ୍ତିକୁ ଗୁରୁତ୍ୱ ଦେଇ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସ୍ୱତନ୍ତ୍ର ଶିଳ୍ପ ଜୋନ୍ ଭାବେ ପରିଗଣିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏଥିପାଇଁ ଡାଉନଷ୍ଟ୍ରିମ ଶିଳ୍ପକୁ ମଧ୍ୟ ଅଧିକ ପ୍ରାଧାନ୍ୟ ଦିଆଯାଉଛି । ଏହି କ୍ରମରେ ୩୬ଟି ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରିଜ(ଏସ୍‌ଏସ୍‌ଆଇ)କୁ ଇଡ୍‌କୋ ଜରିଆରେ ଜମି ଯୋଗାଇ ଦିଆଯାଇଛି। କିନ୍ତୁ ଏଯାଏ ସମସ୍ତ ଆବେଦନକାରୀ ଶିଳ୍ପ କମ୍ପାନୀକୁ ଜମି ଦଖଲ ମିଳିପାରି ନାହିଁ ବୋଲି ସୂଚନା ମିଳିଛି। ଫଳରେ କଳିଙ୍ଗନଗର ଏସ୍‌ଏସ୍‌ଆଇର ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଏହାବାଦ୍ ପ୍ରସ୍ତାବିତ ଏସ୍‌ଏସ୍‌ଆଇ କାର୍ଯ୍ୟ ଆରମ୍ଭ ପାଇଁ ରାସ୍ତା, ଡ୍ରେନେଜ, ବିଦ୍ୟୁତ୍‌କରଣ, ପାଣି ଯୋଗାଣ ଇତ୍ୟାଦି




ପ୍ରମୁଖ ସୁବିଧା ମିଳୁ ନ ଥିବାରୁ ଡାଉନଷ୍ଟ୍ରିମ ଶିଳ୍ପର ଅଗ୍ରଗତି ଏକ ପ୍ରକାର ସ୍ଥାଣୁ ପାଲଟିଛି। ଅନ୍ୟପକ୍ଷେ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କ ଅଭିଜ୍ଞତା ହାସଲ ପାଇଁ ଗତ ପ୍ରାୟ ୫ ବର୍ଷ ହେଲା ପୁରୀରୁ କଳିଙ୍ଗନଗରକୁ ବିଜୁ ପଟ୍ଟନାୟକ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ (ବିପିଏନ୍‌ଏସ୍‌ଆଇ) ସ୍ଥାନାନ୍ତର ପ୍ରସ୍ତାବ ରହିଥିଲା। କିନ୍ତୁ ଇଡ୍‌କୋ ଏହି ଇନ୍‌ଷ୍ଟିଚ୍ୟୁଟକୁ ଆବଶ୍ୟକ ଜମି ଯୋଗାଇ ଦେଇ ନ ପାରିବାରୁ ତାହା କେବଳ ପ୍ରସ୍ତାବରେ ସୀମିତ ରହିଛି।

ସୂଚନା ଅନୁଯାୟୀ, ୨୦୨୦ରେ ବିପିଏନ୍‌ଏସ୍‌ଆଇ ପ୍ରତିଷ୍ଠା ପାଇଁ ଜିଲାର ଦାନଗଦି ତହସିଲ ଅଧୀନ ଯଖପୁରା ଓ କଚେରୀଗାଁ ମୌଜାରେ ୧୦ ଏକର ଜମି ଆବଣ୍ଟିତ ହୋଇଥିଲା । ଏହି ଜମି ବିପିଏନ୍‌ଏସ୍‌ଆଇ ପ୍ରତିଷ୍ଠା ପାଇଁ ନିଅଣ୍ଟ ହେବ ବୋଲି କର୍ତ୍ତୃପକ୍ଷ ଜଣାଇବା ପରେ ଅଧିକ ଜମି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏଯାଏ ଜମି ମିଳି ନ ଥିବାରୁ ବିପିଏନ୍‌ଏସ୍‌ଆଇ ସ୍ଥାନାନ୍ତର ପ୍ରସ୍ତାବ ଅଟକି ରହିଛି ବୋଲି ସୂଚନା ମିଳିଛି । କଳିଙ୍ଗନଗରଠାରେ ରାଜ୍ୟର ସର୍ବାଧିକ ଷ୍ଟିଲ ଉତ୍ପାଦନ ଲକ୍ଷ୍ୟ ରହିଥିବାରୁ ବିପିଏନ୍‌ଏସ୍‌ଆଇର ଆବଶ୍ୟକତାକୁ ଉପଲବ୍ଧି କରି ସରକାର ଏହି ନିଷ୍ପତ୍ତି ନେଇଥିଲେ । ଏହି ଅନୁଷ୍ଠାନରେ ଉତ୍ପାଦିତ ସମସ୍ତ ଷ୍ଟିଲ ସାମଗ୍ରୀର ମାନ ପରୀକ୍ଷା ହେବା ସହିତ ଷ୍ଟିଲ କାରଖାନାରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀମାନଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରାଯିବ । ଏହାବାଦ୍ କାରଖାନାରେ ନିଯୁକ୍ତି ପାଇଁ ଅପେକ୍ଷାରତ କିମ୍ବା ବିଭିନ୍ନ ବୈଷୟିକ ଡିଗ୍ରୀଧାରୀମାନେ ଏଠାରେ ତାଲିମ ନେଇ ଅଭିଜ୍ଞତା ହାସଲ କରି ପାରିବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ପରିବର୍ତ୍ତେ ଛଟେଇ ସଂଖ୍ୟା ଅଧିକ ହେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ କେତେକ ପୁରୁଣା କମ୍ପାନୀ ହଜାରରୁ ଊର୍ଦ୍ଧ୍ୱ ଏକର ଜମି ଅଯଥାରେ ମାଡ଼ି ବସିଛନ୍ତି । ଫଳରେ ନୂତନ ଆଗ୍ରହୀ ଶିଳ୍ପ କମ୍ପାନୀ ପାଇଁ ଜମି ଅଭାବ ଦେଖାଦେଇଛି । ମେସ୍କୋ ଷ୍ଟିଲ ଖଣି ହାତେଇବା ପାଇଁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଥମେ କାରଖାନା ନିର୍ମାଣ କରିଥିଲା। ଏଥିପାଇଁ ଉକ୍ତ କମ୍ପାନୀକୁ ସରକାରୀ ଓ ବେସରକାରୀ ଭାବେ ୫୩୦ ଏକର ଜମି ଯୋଗାଇ ଦିଆଯାଇଛି। ହେଲେ ଉକ୍ତ କମ୍ପାନୀ ପ୍ରାୟ ୫ ବର୍ଷ ହେଲା ବନ୍ଦ ପଡ଼ିଛି। ଏଥିଯୋଗୁ ୧୫୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକ ଜୀବିକା ହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ନୂତନ ସରକାର ଆସିବା ପରେ ଏହି ଶିଳ୍ପ କମ୍ପାନୀର କର୍ମଚାରୀ ଓ ଶ୍ରମିକମାନେ କାରଖାନା ପୁଣିଥରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା ପୋଷଣ କରିଛନ୍ତି।

## ପୋଲିସ ଗାଡ଼ି ଭଙ୍ଗାରୁଜା ଘଟଣାରେ ଆଉ ଜଣେ ଗିରଫ

**ଚଣ୍ଡିଖୋଲ, ୧୩।୬(ପ୍ରଦୀପ୍ତ କୁମାର ପୃଷ୍ଟି):** ନିର୍ବାଚନ ସମୟରେ ପୋଲିସ ଗାଡ଼ି ଭଙ୍ଗାରୁଜା ଘଟଣାରେ ଆଉ ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବଡ଼ଚଣା ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କାଦୁଆ ମାଗୁରା ଗ୍ରାମର ହରି ମଲିକ। ମେ' ୨୮ ତାରିଖ ସନ୍ଧ୍ୟାରେ ବଡ଼ଚଣା ଥାନା ଅନ୍ତର୍ଗତ କାଦୁଅମାଗୁରା ଗ୍ରାମରେ ରାଜନୈତିକ ଟଙ୍କା ବଣ୍ଟାକୁ କେନ୍ଦ୍ରକରି ପୋଲିସ ଗାଡ଼ି ଭଙ୍ଗାରୁଜା କରାଯାଇଥିଲା। ଜଣେ ଜିଲାପରିଷଦ ସଭ୍ୟଙ୍କ ସ୍ୱାମୀ ଏକ ଚାରିଚକିଆ ଗାଡ଼ିରେ ଭୋଟରଙ୍କୁ ଟଙ୍କା ବାଣ୍ଟିବାକୁ ଆସିଥିବା ଅଭିଯୋଗ କରି ଗ୍ରାମବାସୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗ୍ରାମରେ ଅଟକାଇ ରଖିଥିଲେ। ଖବରପାଇ ବଡ଼ଚଣା ଓ ଜେନାପୁର ପୋଲିସ ପହଞ୍ଚି ଘଟଣାର ସମାଧାନ କରିବାକୁ ଉଦ୍ୟମ କରୁଥିଲା। ଏହି ସମୟରେ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏଥିସହିତ କେତେଜଣ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଘଟଣାରେ ପୂର୍ବରୁ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଏଥିରେ ଶତାଧିକ ବ୍ୟକ୍ତିଙ୍କ ନାମରେ ନଂ.୨୮୦।୨୪ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହରି ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଡାକ୍ତରଖାନାରୁ ଫେରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

## ଗୋକର୍ଣ୍ଣିକା ସମ୍ପାଦକ ସମ୍ମାନିତ



ରମାକାନ୍ତ ଜେନାଙ୍କୁ ରତ୍ନଚିରା ସାହିତ୍ୟ ସଂଗଠକ ସମ୍ମାନ ପ୍ରଦାନ କରାଯାଉଛି ।

**ଧର୍ମଶାଳା, ୧୩।୬(ବଟକୃଷ୍ଣ ପରିଡ଼ା):** ମାସିକ ଓଡ଼ିଆ ସାହିତ୍ୟ ପତ୍ରିକା 'ରତ୍ନଚିରା'ର ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନାଙ୍କୁ ରତ୍ନଚିରା ସାହିତ୍ୟ ସଂଗଠକ ସମ୍ମାନ ପ୍ରଦାନ କରାଯାଇଛି। ଡକ୍ଟର ସ୍ନେହଲତା ପୃଷ୍ଟିଙ୍କ ସଭାପତିତ୍ୱରେ ଉଦ୍‌ଘାଟକଭାବେ ସାରସ୍ୱତ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ, ମୁଖ୍ୟ ଅତିଥିଭାବେ ପୂର୍ବତନ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଅତିଥି ଭାବେ ପ୍ରଫେସର ସଂଘମିତ୍ରା ମିତ୍ର, ସ୍ତମ୍ଭକାର ଓ ଗବେଷକ ଡକ୍ଟର ଅସିତ୍ ମହାନ୍ତି ଓ କବି ସୁବ୍ରତ କୁମାର ଦାସ ଯୋଗଦେଇ ଏହି ସମ୍ମାନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଜେନା ଏହି ସମ୍ମାନ ପାଇବା ପରେ ତାଙ୍କୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଉପସଭାପତି ଡ. ତୁହିନାଂଶୁ ରଥ, କବି ସଂଗ୍ରାମ କେଶରୀ ଜେନା, ମିନତି ସାହୁ, ବିଜୟ ନାୟକ, ଜିଲା ଲେଖକ ସମ୍ମେଳନ ସଭାପତି ଡକ୍ଟର ରୁଦ୍ରନାରାୟଣ ପୃଷ୍ଟି, ସମ୍ପାଦକ ଦୟାନିଧି ନାୟକ, ସ୍ମୃତିଲିପି ସମ୍ପାଦକ ଭୁବନ ମୋହନ ମହାନ୍ତି, ବ୍ରହ୍ମବରଦା କଲେଜ ଅଧକ୍ଷ ମହେଶ୍ୱର ପାଢ଼ୀ ଓ କବି ନାରାୟଣ ମହାଳିକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## 'ବୁନ୍ଦାଏ ପାଣିରେ ସମୁଦ୍ର' ଶ୍ରେଷ୍ଠ ନାଟକ

**ଯାଜପୁର ଟାଉନ, ୧୩।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ନିଖିଳ କଳା ନିକେତନ ଏବଂ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ଥିଏଟର 'ବି'ରେ ୩ଦିନିଆ ସର୍ବଭାରତୀୟ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରର ସାମାଜିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ନାଟକ 'ବୁନ୍ଦାଏ ପାଣିରେ ସମୁଦ୍ର' ଶ୍ରେଷ୍ଠ ନାଟକ ବିବେଚିତ ହୋଇଛି।

ଗତ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଅନ୍ୱେଷଣ ଥିଏଟର ଗ୍ରୁପକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ନାଟକ ରଚନା କରିଥିଲେ ଡା. ରମେଶ ପ୍ରସାଦ ପାଣିଗ୍ରାହୀ। ଅଭିମନ୍ୟୁ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ବୃନ୍ଦାବନ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ଜେନା, ସୁବାସ ଚନ୍ଦ୍ର ଦେବତା, ସୂର୍ଯ୍ୟକାନ୍ତ ସେଠୀ, ଅଶୋକ କୁମାର ପାଣିଗ୍ରାହୀ, ତାରାକାନ୍ତ ମଲ୍ଲିକ, ଜିତେନ୍ଦ୍ର ସାହୁ, ଗୋପାଳ ଚରଣ ବାରିକ, ପ୍ରଶାନ୍ତ କୁମାର ପତି, ବିନୋଦ ପରିଡ଼ା, ସୁରଜ କୁମର ପଣ୍ଡା, ଟୁନି ବେହେରା, ସକୁନ୍ତଳା ବେହେରା, ମମତାରାଣୀ ଜେନା, ଐଶ୍ୱରୀୟା ସାହୁ, ସାଇସ୍ମିତା ବେହେରାଙ୍କ ନିଖୁଣ ଅଭିନୟ ଦର୍ଶକ ଓ ବିଚାରକ ମଣ୍ଡଳୀଙ୍କ ମନ ମୁଗ୍ଧ କରିଥିଲା। ଅନ୍ୱେଷଣର ଏହି ବିଜୟକୁ ଯାଜପୁରର ବିଜୟ ବୋଲି ଅଭିହିତ କରିଛନ୍ତି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ର। ଯାଜପୁର ଜିଲାପାଳ ନିଖିଲ ପବନ କଲ୍ୟାଣ, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଯାଜପୁର ସଂସ୍କୃତି ବିଭାଗ ଅଧିକାରୀ ସୋନାଲି ବେହେରା, ଅନ୍ୱେଷଣର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, କିଶୋର କୁମାର ଦାଶ, ସୁବାସ ଚନ୍ଦ୍ର ଦାସଙ୍କ ସମେତ ଅନ୍ୱେଷଣର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ଯାଜପୁର ବରିଷ୍ଠ ନାଗରିକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କଳାକାରଙ୍କୁ ଶୁଭେଚ୍ଛାର ବାର୍ତ୍ତା ପ୍ରଦାନ କରିଛନ୍ତି।



ଅନ୍ୱେଷଣ ଥିଏଟର ଗ୍ରୁପ କଳାକାରମାନେ ପୁରସ୍କାର ଗ୍ରହଣ କରୁଛନ୍ତି ।

## ଧର୍ମଶାଳା ବିଧାୟକଙ୍କୁ ୨ ବ୍ଲକ୍ କର୍ମଚାରୀଙ୍କ ସମ୍ବର୍ଦ୍ଧନା



ଧର୍ମଶାଳାର ନବନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଧର୍ମଶାଳା ଏବଂ ରସୁଲପୁର ବ୍ଲକର କର୍ମଚାରୀ ସମ୍ବର୍ଦ୍ଧନା ଜଣାଉଛନ୍ତି।

**କାଏମା, ୧୩।୬(ଶିବପ୍ରସାଦ ମହାନ୍ତି):** ଧର୍ମଶାଳାର ନବନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଧର୍ମଶାଳା ଏବଂ ରସୁଲପୁର ବ୍ଲକର କର୍ମଚାରୀ ଗୁରୁବାର କୁମାରୀସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ପହଞ୍ଚି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଓ ତାଙ୍କ ସହକର୍ମୀ ପ୍ରଥମେ ପହଞ୍ଚି ବିଧାୟକଙ୍କୁ ଫୁଲତୋଡ଼ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଅବନିକାନ୍ତ ସାହୁ ଓ ତାଙ୍କ ସହକର୍ମୀ ପହଞ୍ଚି ବିଧାୟକଙ୍କୁ ସ୍ୱାଗତ ଜଣାଇବା ସହ ନାନା ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ପିସି କାରବାର ବନ୍ଦ ହେଉ:ଅଖିଳଚକ୍ର

**ଯାଜପୁର, ୧୩।୬(ହର୍ଷବର୍ଦ୍ଧନ ବେହେରା):** ଓଡ଼ିଶାରେ ରାଜନୈତିକ ପରିବର୍ତ୍ତନ ସହ ଗଠିତ ନୂତନ ସରକାରଙ୍କୁ ଓଡ଼ିଶା ଲେଖକ, ବୁଦ୍ଧିଜୀବୀ ପରିଷଦ ଓ ଅଖିଳଚକ୍ର ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ପୂରଣ ନିମନ୍ତେ ନୂତନ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଏହି ସଂଗଠନ ପକ୍ଷରୁ ଆହ୍ୱାନ କରାଯାଇଛି। ବିଶେଷକରି ସମସ୍ତ ସରକାରୀ କାର୍ଯ୍ୟାଳୟରୁ ପିସି କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସେମାନେ ଦାବି ଜଣାଇଛନ୍ତି।

ଅଖିଳଚକ୍ରର ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର କହିଛନ୍ତି, ନୂତନ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମଣ୍ଡଳ ଉପରେ ଯେଉଁ ଆଶା ଓଡ଼ିଶାବାସୀ ରଖିଛନ୍ତି ତାକୁ ପୂରଣ କରିବାରେ ସମର୍ଥ ହେବେ ବୋଲି ଆଶା ପୋଷଣ କରିଛନ୍ତି। ସମ୍ପାଦକ ହରେକୃଷ୍ଣ ପଣ୍ଡା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି, ଦୁର୍ନୀତିରେ ଲିପ୍ତ ଥିବା ସମସ୍ତ ଅଭିଯୁକ୍ତମାନଙ୍କ ଉପଯୁକ୍ତ ଶାସ୍ତି ମିଳୁ। ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ଓ ମୂଲ୍ୟାୟନରେ ସ୍ୱଚ୍ଛତା ପ୍ରତିପାଦନ କରାଯାଉ। ସବୁ ସରକାରୀ କାର୍ଯ୍ୟାଳୟରୁ ପିସି ପ୍ରଥା ଲୋପ କରାଯାଉ। ରାଜ୍ୟର ସମସ୍ତ ସାଂସ୍କୃତିକ ଅନୁଷ୍ଠାନ ଓ ସଙ୍ଗଠନକୁ ପ୍ରୋତ୍ସାହନ ଦିଆଯାଉ ଏବଂ ରାଜ୍ୟ ସଂସ୍କୃତି ବିଭାଗର ଆଭିମୁଖ୍ୟରେ ପରିବର୍ତ୍ତନ ହେଉ। ବିଭିନ୍ନ ମଠ ମନ୍ଦିର ଓ ଐତିହ୍ୟସ୍ଥଳୀଗୁଡ଼ିକୁ ନବୀକରଣ ଆଳରେ ଲୋପ କରା ନ ଯାଇ ତାର ସୁରକ୍ଷା କରାଯାଉ। ଏହି ଅନୁଷ୍ଠାନର ଶୁଭେଚ୍ଛୁ ପଣ୍ଡିଚେରୀ ଆଶ୍ରମର ସାଧକ ମଧୁସୂଦନ ମହାପାତ୍ର କହିଛନ୍ତି ଯେ ସମସ୍ତ ସ୍ୱାର୍ଥ ଓ ପ୍ରଲୋଭନ ତ୍ୟାଗ ପୂର୍ବକ ଓଡ଼ିଶାବାସୀ ଅସ୍ମିତା ପାଇଁ ଯେପରି ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କଲେ ତାହା ଗଣତାନ୍ତ୍ରିକ ଇତିହାସରେ ବିରଳ। ଏଥି ପ୍ରତି ସରକାର ଯତ୍ନବାନ ହେବା ଆବଶ୍ୟକ। ଯୁବ ପ୍ରାଣ ସୁଶାନ୍ତ ହରିଚନ୍ଦନ ଓଡ଼ିଶାକୁ ମଦମୁକ୍ତ କରିବାକୁ ଓଡ଼ିଆ ଜାତିର ଐତିହ୍ୟ, ପରମ୍ପରା ଏବଂ ଭାଷା ସାହିତ୍ୟର ଉନ୍ନତି ପାଇଁ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ଅନ୍ୟତମ ସଦସ୍ୟା ଶ୍ରଦ୍ଧାଞ୍ଜଳୀ ଷଡ଼ଙ୍ଗୀ ସରକାରୀ ଯୋଜନା ଯେଉଁ ମାନଙ୍କ ପାଇଁ ଉଦ୍ଦିଷ୍ଟ ସେଥିରେ ସେମାନେ କେତେଦୂର ଉପକୃତ ହେଉଛନ୍ତି ଆଉ ସେଥିରୁ କେତେ ବାଟମାରଣା ହେଉଛି ସେଥିପ୍ରତି ନୂତନ ସରକାର

## ରଜ ପାଇଁ ଗ୍ରାମାଞ୍ଚଳରେ ବ୍ୟାପକ ପ୍ରସ୍ତୁତି

**ଧର୍ମଶାଳା, ୧୩।୬(ବଟକୃଷ୍ଣ ପରିଡ଼ା):** ଓଡ଼ଶାରେ ରଜ ଏକ ପ୍ରମୁଖ ପର୍ବ। ଏହି ପର୍ବରେ ଲୋକମାନେ ନୂତନ ପୋଷାକ ପରିଧାନ କରି ଖେଳକୁଦରେ ୩ ଦିନ କଟାଇଥାନ୍ତି। ଚାଷୀମାନେ ମଧ୍ୟ ଏହି ୩ ଦିନ ବିଲବାଡିକୁ ନ ଯାଇ ଖେଳକୁଦରେ ମାତିଥାନ୍ତି। ରଜ ପର୍ବରେ ପୋଡ଼ପୀଠା ସହ ଅନ୍ୟାନ୍ୟ ପିଠା ପୂର୍ବଦିନରୁ ପ୍ରସ୍ତୁତ ହୋଇଥାଏ। ଶୁକ୍ରବାର ପ୍ରଥମ ରଜ ପଡୁଥିବାରୁ ଲୋକମାନଙ୍କ ମଧ୍ୟରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ ଗଛ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଝିଅମାନଙ୍କ ପାଇଁ ପଟା ଦୋଳି ଓ ଦଉଡି ଦୋଳି ଲଗାଇବାକୁ ପରିବାର ଲୋକେ ବ୍ୟାପକ ପ୍ରସ୍ତୁତ ଚଳାଇଛନ୍ତି। ଯୁବକମାନଙ୍କ ମଧ୍ୟରେ ଏହି ୩ ଦିନ ପଶା, ତାସ, କବାଡ଼ି, ବାଗୁଡ଼ି ଖେଳିବା ସହ ଗୋଡ଼ି ଉଡ଼ାଇ ଦିନ କାଟିଥାନ୍ତି। ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ମେହେନ୍ଦି ଲଗାଇ ପାନ ଖାଇବା ସହ ଘରଘର ବୁଲିଥାନ୍ତି। ଚଳିତ ବର୍ଷ ରଜ ପୂର୍ବରୁ ଭଲ ବର୍ଷା ହୋଇ ନ ଥିବାରୁ ଚାଷୀ ବିଲରେ ଧାନ ବୁଣିପାରିନାହାନ୍ତି। ଚଳିତ ବର୍ଷ ଧର୍ମଶାଳା କୃଷି ବିଭାଗ ପକ୍ଷରୁ ୧୨ହଜାର ୧୨୦ ହେକ୍ଟର ବିଲରେ ଧାନ ଚାଷ କରିବା ପାଇଁ ଲକ୍ଷଧାର୍ଯ୍ୟ ହୋଇଥିଲାବେଳେ ଅନେକ ଚାଷୀବିଲରେ ହଳ କରି ବିଲ ପ୍ରସ୍ତୁତ କରି ଧାନ ବୁଣିବାକୁ ଅପେକ୍ଷା କରିଛନ୍ତି। କୃଷି ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ସରକାରୀ ବିହନ ଯୋଗାଣ ହୋଇନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## ଟାଟା ଷ୍ଟିଲ୍ ପକ୍ଷରୁ ରକ୍ତଦାନ ଶିବିର

**କଳିଙ୍ଗନଗର, ୧୩।୬(ଶୁଭାଶିଷ ରାଉତ) :** ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସ୍‌କେ) ଏବଂ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାରର ମିଳିତ ଆନୁକୂଲ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରସ୍ଥିତ ଡିଇଟି ଅଡିଟୋରିୟମରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଟିଏସ୍‌କେର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ଦେବଦୂତ ମହାନ୍ତି, ଟିଏସ୍‌କେର ମୁଖ୍ୟ ପ୍ରଶାସକ ଆଶିଷ କୁମାର, ଯାଜପୁର ରକ୍ତଭଣ୍ଡାର ମେଡିକାଲ ଅଫିସର ପ୍ରଶାନ୍ତ କୁମାର ବିଶ୍ୱାଳ ଓ ସୁଜିତ ମନୋହର ସ୍ୱାଇଁଙ୍କ ଉପସ୍ଥିତିରେ ଟିଏସ୍‌କେର ଷ୍ଟିଲ ମେଲଟିଂ ଶପ୍ ମୁଖ୍ୟ ଆଶୁତୋଷ କୁମାର ଓ ଟିଏସ୍‌କେ ସୁରକ୍ଷା ବିଭାଗ ମୁଖ୍ୟ ଆର.ଏସ. ମିଶ୍ର ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଟାଟା ଷ୍ଟିଲର କର୍ମଚାରୀ, ଏସ୍‌ଏନ୍‌ଟିଆଇ ପ୍ରଶିକ୍ଷାର୍ଥୀ ଏବଂ ଠିକା କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଉଲ୍ଲେଖଯୋଗ୍ୟ,ଯେ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସେମାନଙ୍କ ଜୀବନ ରକ୍ଷାକାରୀ ଉପହାର ପାଇଁ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା।




ଶିବିରରେ କର୍ମଚାରୀମାନେ ରକ୍ତ ଦାନ କରୁଛନ୍ତି ।

## ବିନା ଟିପିରେ ବାଲି ପରିବହନ

### ୪ ଟ୍ରକ୍ ଜବତ

**କଳିଙ୍ଗନଗର, ୧୩।୬(ଶୁଭାଶିଷ ରାଉତ):** ପଙ୍କପାଳ ବାଲିଘାଟରୁ ଗୁରୁବାର ବିନା ଟ୍ରାନଜିଟ ପାସ(ଟିପି)ରେ ବାଲି ପରିବହନ ହେଉଥିବାବେଳେ ୪ ଟ୍ରକ୍‌କୁ ଜବତ କରାଯାଇଛି। ଗ୍ରାମବାସୀଙ୍କଠାରୁ ଖବର ପାଇ ତହସିଲଦାର ଅଶୋକ କୁମାର ତ୍ରିପାଠୀ ପହଞ୍ଚି ଘାଟରୁ ବାଲି ବୋଝେଇ କରିଥିବା ୨ ଟିପ୍ପର ଓ ୨ ହାଇୱାକୁ ଜବତ କରିଥିଲେ। ଘଟଣାସ୍ଥଳରେ ଲଘୁଖଣିଜ ସମ୍ପଦ ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ ପହଞ୍ଚି ଗାଡ଼ିଗୁଡ଼ିକୁ କଳିଙ୍ଗନଗର ଥାନାକୁ ହସ୍ତାନ୍ତର କରିଥିଲେ।




ଜବତ ଟ୍ରକ୍।

ସୂଚନା ଅନୁଯାୟୀ, ଦାନଗଦି ତହସିଲ ମାନତୀରା ରାଜସ୍ୱ ସର୍କଲ ଅଧୀନରେ ଥିବା ବ୍ରାହ୍ମଣୀ ନଦୀର ପଙ୍କପାଳଠାରେ ୨ ବାଲି ଖାଦାନ ନିଲାମ ହୋଇଥିଲା। ଖାତା ନମ୍ବର ୨୨୪ ଓ ପ୍ଲଟ ନମ୍ବର ୧୦୭୫ରେ ପଙ୍କପାଳ-୨ ବାଲିଘାଟ ମୋଟ୍ ୧୨ ଏକର ୩୦ ଡେସିମିଲ ଏରିଆରେ ରହିଛି। ଏହାକୁ ଯାଜପୁର ଅଞ୍ଚଳର ଦୈତାରୀ ଧଳ ନିଲାମ ଧରିଥିଲେ। ଏହି ଘାଟଠାରୁ ମାତ୍ର ୫୦୦ ମିଟର ଦୂରରେ ସମାନ ଖାତା ନମ୍ବରରେ ପ୍ଲଟ ନମ୍ବର ୧୦୮୯ରେ ସମାନ ପରିମାଣର ଏରିଆକୁ ପଙ୍କପାଳ-୧ ବାଲିଘାଟ ଭାବେ ନିଲାମ ହୋଇଥିଲା। ଏହି ଘାଟକୁ ଭୁବନେଶ୍ୱରର ଦିଲୀପ ସାହୁ ୨ ମାସ ହେଲା ଚଳାଇ ଆସୁଥିଲେ। ବର୍ଷକୁ ୬୦୦୦ କ୍ୟୁବିକ ମିଟର ବାଲି ନେବା ପାଇଁ ଚୁକ୍ତି କରିଥିଲେ ଲିଜ୍‌ଧାରୀ। ମାତ୍ର ସମ୍ପୃକ୍ତ ଲିଜଧାରୀ ନିଜ ଲିଜ ଏରିଆ ବାହାରେ ସମ୍ପୂର୍ଣ୍ଣ ବେଆଇନ ଭାବେ ବାଲି ଘାଟ ଚଳାଇ ଆସୁଥିଲେ। ବାଲିଘାଟ ଚଳାଇବା ପୂର୍ବରୁ ତହସିଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାଗା ଚିହ୍ନଟ କରାଇବା ବାଧ୍ୟତାମୂଳକ ହୋଇଥିବାବେଳେ ନିଲାମଧାରୀ ଏହାକୁ ମାନି ନ ଥିଲେ। ମନଇଚ୍ଛା ଏକାଧିକ ମେଶିନ ସାହାଯ୍ୟରେ ବଡ଼ବଡ଼ ଗର୍ତ୍ତ ଖୋଳି ସେଠାରୁ ବାଲି ଖୋଳି ବିକ୍ରି କରୁଥିଲେ। ଏଠାରୁ ବିନା ଟିପିରେ ପ୍ରତିଦିନ ଶତାଧିକ ହାଇୱା ଯୋଗେ ବାଲି ପରିବହନ ହେଉଥିଲା। ଉକ୍ତ ଗାଡି ଜବତ ପରେ ବେଆଇନ ବାଲି ଚାଲାଣ ହେଉଥିବା ଜଣାପଡିଛି।

ପୂର୍ବରୁ ଗ୍ରାମବାସୀ ଅଭିଯୋଗ କରିଥିଲେ ବି ପ୍ରଶାସନ କୌଣସି ଦିନ କାର୍ଯ୍ୟାନୁଷ୍ଠାନ ପାଇଁ ଆଗେଇ ଆସି ନ ଥିଲା। ବୁଧବାର ଗ୍ରାମବାସୀ ଅଭିଯୋଗ କରିବାରୁ ତହସିଲ ପକ୍ଷରୁ ବେଆଇନ ବାଲି ଘାଟ ଉପରେ ଚଢ଼ାଉ ହୋଇଥିଲା। ମାତ୍ର କୌଣସି ସୂତ୍ରରୁ ଖବର ପାଇ ମାଫିଆ ଘାଟରୁ ମେଶିନ ନଦୀ ବନ୍ଧ ଉପରକୁ ନେଇ ଆସିଥିଲେ। ଗୁରୁବାର ତହସିଲଦାର ବାଲି ଖୋଳା ଯାଇଥିବା ସ୍ଥାନ ପରିଦର୍ଶନ କରିବା ସହିତ ନିଲାମ ଡକା ଯାଇଥିବା ଦୁଇଟି ଘାଟକୁ ପୃଥକ ଭାବେ ମାପଚୁପ କରିଥିଲେ। ମାପଚୁପ ସମୟରେ ଘାଟ ବାହାରେ ବିପୁଳ ପରିମାଣର ବାଲି ଖନନ ହୋଇଥିବା ତହସିଲଦାର ଜାଣିବାକୁ ପାଇଥିବା ସୂଚନା ଦେଇଛନ୍ତି। ଏନେଇ ଲଘୁଖଣିଜ ସମ୍ପଦ ଉପନିର୍ଦ୍ଦେଶକ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବିନା ଟିପିରେ ବାଲି ଚୋରି ବାବଦରେ ନିଲାମଧାରୀ ଓ ସମ୍ପୃକ୍ତ ଗାଡ଼ି ମାଲିକଙ୍କଠାରୁ ଜରିମାନା ଆଦାୟ କରାଯିବ।

# ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ହରିଣ ଅସୁରକ୍ଷିତ

- ଟ୍ରେନ୍ ଧକ୍କାରେ ଗଲାଣି ଅନେକଙ୍କ ଜୀବନ
- ୧୦ ବର୍ଷରେ ମୃତ୍ୟୁ ସଂଖ୍ୟା ୩୦ରେ ପହଞ୍ଚିଲାଣି
- ଖାଦ୍ୟ ଅନ୍ୱେଷଣରେ ବାହାରକୁ ଯିବା ମହଙ୍ଗା ପଡ଼ୁଛି

ଜଗତ୍‌ସିଂହପୁର, ୧୩।୬
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସଦର ମହକୁମାରୁ ମାତ୍ର ୧୫ କିଲୋମିଟର ଦୂର ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ପିଆର୍‌ଏଫ୍)ହରିଣଙ୍କ ପାଇଁ ପ୍ରସିଦ୍ଧି ଲାଭ କରିଛି। ଏହି ଜଙ୍ଗଲରେ ପାଖାପାଖି ୩୦୦ ହରିଣ (ସ୍ପଟେଡ୍ ଡିୟର) ରହୁଥିବା କୁହାଯାଏ। ଯାହାକି କେବଳ ଜଗତ୍‌ସିଂହପୁର ନୁହେଁ, ସାରା ରାଜ୍ୟ ପାଇଁ ଗର୍ବର କଥା। ଏହି ହରିଣଙ୍କ ଯୋଗୁ ପ୍ରତିବର୍ଷ ଶୀତଦିନେ ଧଳତଙ୍ଗଗଡ଼କୁ ସହସ୍ରାଧିକ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। କିନ୍ତୁ ଦୁଃଖର କଥା ହେଲା, ଏହି ହରିଣଙ୍କ ପ୍ରତି ବିପଦ ବଢ଼ିବାରେ ଲାଗିଛି।

ସୂଚନା ଅନୁଯାୟୀ, ଧଳତଙ୍ଗଗଡ଼ ପିଆର୍‌ଏଫ୍‌ରେ ୨୦୧୫ରୁ ୨୦୨୩ ଜୁଲାଇ ମଧ୍ୟରେ ୨୬ଟି ହରିଣଙ୍କ ମୃତ୍ୟୁ ହୋଇଥିଲା। ତା'ପରେ ଆଉ ୨/୩ଟି ମୃତ୍ୟୁ ହୋଇଥିବା କୁହାଯାଉଛି। ବାସ୍ତବ କ୍ଷେତ୍ରରେ କିନ୍ତୁ ଏହି ସଂଖ୍ୟା ଯଥେଷ୍ଟ ଅଧିକ ହେବ ବୋଲି ଆଲୋଚନା ଚାଲିଛି। ୨୦୧୫ରେ ୨, ୨୦୧୭ରେ ୧, ୨୦୧୮ରେ ୨, ୨୦୧୯ରେ ୮, ୨୦୨୦ରେ ୧, ୨୦୨୧ରେ ୮, ୨୦୨୨ରେ ୨ ଓ ୨୦୨୩ ଏପ୍ରିଲ ସୁଦ୍ଧା ୨ଟି ହରିଣର ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ୨୮।୧୨।୧୭ରେ ମୃତ ହରିଣକୁ ନେଇ ସେତେବେଳେ ଆଲୋଚନା ଜୋର ଧରିଥିଲା। କାରଣ ଏହି ହରିଣକୁ ହଂସୁଆ ନଦୀ ପାଖ ଏରଡ଼ଙ୍ଗ ପଞ୍ଚାୟତ ବାଙ୍କିଆବାଟିଠାରେ ମାରି ଦିଆଯାଇଥିଲା। ବନ ବିଭାଗ ଘଟଣାସ୍ଥଳରୁ କିଛି ସାମଗ୍ରୀ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଏହାପରେ କିନ୍ତୁ କେହି ହରିଣ ମାରି ନ ଥିବା ସରକାରୀ ଭାବେ ଦର୍ଶାଯାଉଥିଲେ ସୁଦ୍ଧା ଏହା ଉପରେ ଅନୁଧ୍ୟାନ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି କୁହାଯାଉଛି। ଅନ୍ୟପଟେ ୨୦୧୯ରୁ ୨୦୨୩ ଏପ୍ରିଲ ସୁଦ୍ଧା ଟ୍ରେନ୍ ଦୁର୍ଘଟଣାରେ ୧୦ରୁ ଅଧିକ ହରିଣଙ୍କ ମୃତ୍ୟୁ ହୋଇଛି। ଚିକିତ୍ସା ଅଭାବ ଓ କୁକୁର କାମୁଡା କାରଣରୁ ମଧ୍ୟ ଅନେକଙ୍କ ମୃତ୍ୟୁ ଘଟିଛି। ବନ ବିଭାଗର ଆନ୍ତରିକତା ଅଭାବରୁ ହରିଣଙ୍କ ଜୀବନ ବିପଦଗାମୀ ହେଉଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ଅରଣ୍ୟ ଅଭିଯାନ କାର୍ଯ୍ୟନିର୍ବାହୀ ସନ୍ତୋଷ କୁମାର ପ୍ରଧାନ, ପରିବେଶବିତ୍ ଚୈତନ୍ୟ ଚରଣ ଦାଶ, ମୁରଲୀଧର ସ୍ୱାଇଁ ପ୍ରମୁଖ କହିଛନ୍ତି, ଜୁଲାଇ ୧ରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି। କିନ୍ତୁ ଏହା କେବଳ ଔପଚାରିକତା ପାଇଁ କରାଯାଉଥିବା ଅନୁଭବ ହେଉଛି। ଧଳତଙ୍ଗଗଡ଼ରେ ବହୁ ସଂଖ୍ୟକ କଣ୍ଟା ବାଉଁଶ ଗଛ ରହିଛି। ସେଥିମଧ୍ୟରୁ ଅନେକ ବୁଦା ମରି ସେଥିରେ ଲତା ମାଡ଼ିଗଲାଣି। ଏଗୁଡ଼ିକୁ ଉଠାଯାଇ ଫଳନ୍ତି ଗଛ ଲଗାଇବା ଆବଶ୍ୟକ। କାରଣ ଧଳତଙ୍ଗଗଡ଼ରୁ ଆମ୍ବ, ପଣସ, କୋଚିଲା, କରଞ୍ଜ ଆଦି ଫଳନ୍ତି ଗଛ ସଂଖ୍ୟା କମିକମି ଚାଲିଛି। ପୋଲିସ ବ୍ୟବହାର କରୁଥିବା ଲାଠି ବେତରୁ ତିଆରି ହେଉଛି। ଏହି ପ୍ରକାର ବେତ ସଂଖ୍ୟା ଧଳତଙ୍ଗଗଡ଼ରେ ପ୍ରଚୁର ଥିଲା। କିନ୍ତୁ ଏହାକୁ କାଟି କିଛି ଅସାଧୁ ଲୋକ ବିକ୍ରି କରି ଭଲ ଅର୍ଥ ରୋଜଗାର କରୁଛନ୍ତି। ଜାତୀୟ ରାଜପଥ ଓ ଅନ୍ୟ ରାସ୍ତା ସମ୍ପ୍ରସାରଣ ପାଇଁ ବହୁ ପୁରାତନ ଗଛ କାଟି ଦିଆଯାଇଛି। ଧଳତଙ୍ଗଗଡ଼ ଜଙ୍ଗଲରୁ ମଧ୍ୟ ମୂଲ୍ୟବାନ ଗଛ ଚୋରି ହେଉଛି। ଯେଉଁ କାରଣରୁ ବନ୍ୟପ୍ରାଣୀ, ପକ୍ଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ବିଶେଷକରି ଖାଦ୍ୟାଭାବ କାରଣରୁ ହରିଣମାନେ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡକୁ ଯାଇ ବିପଦଗାମୀ ହେଉଛନ୍ତି। ଯେହେତୁ ଧଳତଙ୍ଗଗଡ଼ ନିକଟରେ ରେଳ ଧାରଣା ଯାଇଛି ତେଣୁ ଏହା ଅତିକ୍ରମ କଲାବେଳେ ଅନେକ ସମୟରେ ଏହି ନିରୀହ ପ୍ରାଣୀ ମୃତାହତ ହେଉଛନ୍ତି। ଏହାବାଦ ଅନେକ ସମୟରେ ଶିକାରୀ କୁକୁର ଆକ୍ରମଣ କରି କାମୁଡି ମାରି ଦେଉଛନ୍ତି। ଏ ପରିସ୍ଥିତିରେ ବନ ବିଭାଗ ଜଙ୍ଗଲ ଚାରିପଟେ ପାଚେରି ସହ ଏହି ପରିସରରେ ପର୍ଯ୍ୟାପ୍ତ ଘାସ ଓ ଲତା ଆଦି ଲଗାଇବା ଜରୁରୀ। ଜଙ୍ଗଲ ଭିତରେ ଥିବା ପୋଖରୀଗୁଡ଼ିକ ଶୁଖିଯାଉଥିବାରୁ ସେଗୁଡିକୁ ଗଭୀର କିମ୍ବା ବୋରିଂ ମାଧ୍ୟମରେ ଜଳପୂର୍ଣ୍ଣ କରାଯିବା ଉଚିତ। ଆବଶ୍ୟକ ସଂଖ୍ୟକ ବନ କର୍ମଚାରୀ ନିୟୋଜିତ ସହ ସେମାନେ ନିଷ୍ଠାର ସହ କାମ କରିବା ଦରକାର ବୋଲି ଏହି ପରିବେଶବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ଏହା ଉପରେ ଧଳତଙ୍ଗଗଡ଼ ଭାରପ୍ରାପ୍ତ ରେଞ୍ଜ ଅଫିସର ରାଜେନ୍ଦ୍ର କୁମାର ସାମନ୍ତରାୟଙ୍କୁ ପଚାରିବାରେ ଜଙ୍ଗଲ ଚାରିପଟ ହେଉଛି ୭ କିଲୋମିଟରରୁ ଅଧିକ। ସେଥିମଧ୍ୟରୁ ଏହା ଭିତରେ ୧୦୦ ମିଟର ପାଚେରି କାମ ସରିଛି। ଆଉ ୩ ରୁ ୪ କିଲୋମିଟର କାମ ଚାଲିଛି। ପର୍ଯ୍ୟାୟକ୍ରମେ ପାଚେରି କାମ ହେବ ବୋଲି ଆଶା ଅଛି। ଯେହେତୁ ସେ ନୂଆକରି ଦାୟିତ୍ୱ ନେଇଛନ୍ତି ତେଣୁ ଆଗକୁ କ'ଣ କରିହେବ ସେନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ଧଳତଙ୍ଗଗଡ଼ ଜଙ୍ଗଲରେ ହରିଣ।



ଜଙ୍ଗଲ ମଧ୍ୟରେ ଲାଗିଥିବା ବନ ବିଭାଗର ବୋର୍ଡ।

# ଆଦର୍ଶ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସୁଖମୟ


ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ରାଜକନିକା, ୧୩।୬(ସଞ୍ଜୟ କୁମାର ଦାଶ)

ଗୁରୁ-ଶିଷ୍ୟ ସମ୍ପର୍କ ନିଆରା। ଯେଉଁ ଛାତ୍ରୀଛାତ୍ର ଗୁରୁଙ୍କ ଅନୁଶାସନରେ ଶିକ୍ଷାଲାଭ କରିଥିବ, ସେ କେବେ ଗୁରୁନିନ୍ଦା ଓ ଗୁରୁଦ୍ରୋହୀ ହୋଇପାରିବ ନାହିଁ। ଆଦର୍ଶ ଛାତ୍ରୀଛାତ୍ର ହିଁ ପ୍ରକୃତ ଗୁରୁଦକ୍ଷିଣା, ସଂସ୍କାରବାନ୍ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସୁଖମୟ ବୋଲି ରାଜକନିକା ବ୍ଲକସ୍ଥିତ ଦେଉଳତରା ଲକ୍ଷ୍ମୀନାରାୟଣ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୯୨ ବିଦ୍ୟାର୍ଥୀମାନଙ୍କ ଗୁରୁପୂଜନ ଓ ବନ୍ଧୁମିଳନରେ ଅତିଥି ଭାବେ ଯୋଗଦେଇ ପୁରାତନ ପ୍ରଧାନଶିକ୍ଷକ ଓ ସହଶିକ୍ଷକମାନେ ଏପରି ମତବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ବଳ ସଭାପତିତ୍ୱ କରିଥିଲେ। ପୂର୍ବତନ ଶିକ୍ଷକ ପଦ୍ମ ଚରଣ ମଲିକ, ଗଣେଶ ଚନ୍ଦ୍ର ଲେଙ୍କା, ଘନଶ୍ୟାମ ସାହାଣୀ, କୈଳାସ ଚନ୍ଦ୍ର ରାଉତ, ପଦ୍ମନାଭ ଆଚାର୍ଯ୍ୟ, ଦଶରଥ ବାରିକ, ବିଷ୍ଣୁ ଚରଣ ମହାକୁଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଶିକ୍ଷକମାନେ ପହଞ୍ଚିବା କ୍ଷଣି ଛାତ୍ରୀଛାତ୍ରମାନେ ଗୋଡ଼ ପ୍ରକ୍ଷାଳନ ପୂର୍ବକ ସଭାମଞ୍ଚକୁ ପାଛୋଟି ନେଇ ପୂଜାର୍ଚ୍ଚନା କରିଥିଲେ। ପରେ ଗୁରୁମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୩୨ ବର୍ଷର ସ୍ମୃତିକୁ ଛାତ୍ରୀଛାତ୍ରମାନେ ମନ ପକାଇଥିଲେ। ପୁରାତନ ଛାତ୍ର ସତ୍ୟବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଚିନ୍ମୟ ନାୟକ, ପ୍ରଶାନ୍ତ ଜେନା, ଅମୂଲ୍ୟ ବାରିକ, ଦେବବ୍ରତ ମଲିକ, ପୂର୍ଣ୍ଣଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ସ୍ୱାଇଁ, ସତ୍ୟବ୍ରତ ରାଉତ, ବିଶ୍ୱନାଥ ସ୍ୱାଇଁ, ଝରଣା ଖଟୁଆ, ମାନସୀ ବାରିକ, ଶୁଭ୍ରକେଶୀ ନାୟକ, ପ୍ରସନ୍ନ ସେଠୀଙ୍କ ସମେତ ବ୍ୟାଚର ସମସ୍ତ ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମୋ ସ୍କୁଲ ଅଭିଯାନ କମିଟି ପୁନର୍ଗଠନ ନିର୍ଦ୍ଦେଶ

## ରେଢୁଆ ବିସି ହାଇସ୍କୁଲ

ରଘୁନାଥପୁର, ୧୩।୬
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ କମିଟି ପୁନର୍ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୪୮୦୭ ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବଗତ କରାଯାଇଛି। ପୂର୍ବରୁ ଉକ୍ତ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ କମିଟି ଗଠନରେ ଅନିୟମିତତା ନେଇ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜନୈକ ଅଧିକାରୀଙ୍କ ଦ୍ୱାରା ଏହାର ବିଧିବଦ୍ଧ ତଦନ୍ତ କରାଯାଇଥିଲା। ଏଥିରେ କିଛି ବ୍ୟତିକ୍ରମ ହୋଇଥିବା ସମ୍ପର୍କରେ ତଦନ୍ତ ଅଧିକାରୀ ରିପୋର୍ଟ ପ୍ରଦାନ କରିଥିଲେ। ଏଣୁ ତୁରନ୍ତ ଉକ୍ତ ବିଦ୍ୟାଳୟରେ ସମସ୍ତ ଗାଇଡ ଲାଇନ ପାଳନ କରି ମୋ ସ୍କୁଲ ଅଭିଯାନ କମିଟିର ପୁନର୍ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତ ପାଇଥିବା ଚିଠି ଏବଂ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଗାଇଡ ଲାଇନକୁ ପାଳନ କରି ଏଥିପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

# କୁଅରେ ବୁଡ଼ି ଜଣେ ମୃତ, ଘରପୋଡ଼ି ବିପନ୍ନଙ୍କୁ ଭେଟିଲେ ବିଧାୟକ

ଡେରାବିଶ, ୧୩।୬
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଥାନା ଅଧୀନ କୁଶିଆପାଳ ପଞ୍ଚାୟତର ମହାସାହିପାଟଣା ଗ୍ରାମ ପାଇଁ ବୁଧବାର ପାଲଟି ଯାଇଥିଲା ଅଶୁଭ। ଅପରାହ୍ନ ୨ଟାରେ ଗ୍ରାମରେ ରୋଷେଇ ନିଆଁରୁ କୈଳାସ ଚନ୍ଦ୍ର ପାଗଳଙ୍କ ଘର ପୋଡି ପାଉଁଶ ହୋଇଯାଇଥିଲା। ସନ୍ଧ୍ୟାରେ ସେହି ଗ୍ରାମର ଇଶ୍ୱର ଚନ୍ଦ୍ର ବାରିକ ନିଜ ବାରିରେ ଥିବା କୁଅରୁ ପାଣି ଆଣୁଥିବା ବେଳେ ଅସାବଧାନତା ଯୋଗୁ ଭିତରେ ବୁଡି ପ୍ରାଣ ହରାଇବା କୁଶିଆପାଳ ଗ୍ରାମକୁ ସ୍ତବ୍ଧ କରିଦେଇଛି। ଘର ପୋଡିରେ ସର୍ବସ୍ୱ ହରାଇଥିବା ପାଗଳ ଓ କୁଅରେ ବୁଡି ମୃତ୍ୟୁବରଣ କରିଥିବା ଇଶ୍ୱରଙ୍କ ପରିବାର ପାଖରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପହଞ୍ଚି ସମବେଦନା ଜଣାଇବା ସହ ଓଭୟ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି। ବିଧାୟକଙ୍କ ସହ ସ୍ଥାନୀୟ ସରପଞ୍ଚ ଦୟାନିଧି ଦାସ, ସମିତିସଭ୍ୟ ସୁବାସ ଚନ୍ଦ୍ର ସାହୁ, ସରୋଜକାନ୍ତ ନାୟକ, ସରଳରେଖା ସାହୁ, ଦିଲୀପ କୁମାର ଦାସ, ଶିବ ପ୍ରସାଦ ସାହୁ ଓ ଅଶୋକ ସାହୁ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।


ବିପନ୍ନ ଓ ମୃତ ବ୍ୟକ୍ତିଙ୍କ ପରିବାରକୁ ବିଧାୟକ ଅରବିନ୍ଦ ମହାପାତ୍ର ଭେଟି ଫେରୁଛନ୍ତି।

# ଛାତ୍ରୀଛାତ୍ର ବିଦ୍ୟାଳୟର ପୁଞ୍ଜି

ରାଜକନିକା, ୧୩।୬
(ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ହାଟସାହି ନୋଡାଲ ହାଇସ୍କୁଲର ୧୯୯୦ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ହାଟସାହି ନୋଡାଲ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ପ୍ରଥମ ପ୍ରଧାନଶିକ୍ଷକ ଉପେନ୍ଦ୍ର ନାଥ ବେଉରିଆ ଯୋଗଦେଇଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପରିକ୍ଷିତ ପଡ଼ିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିମାନେ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ପୁଞ୍ଜି। ବିଦ୍ୟାଳୟର ବିକାଶରେ ପୁରାତନ ଛାତ୍ରୀଛାତ୍ରଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସଭା ଆରମ୍ଭରେ ଛାତ୍ରୀଛାତ୍ରମାନେ ଗୁରୁମାନଙ୍କୁ ସଭାମଞ୍ଚକୁ ପାଛୋଟି ନେଇ ପାଦ ଧୋଇ ଫୁଲ ଚନ୍ଦନ ଦେଇ ପୂଜା କରିଥିଲେ। ପରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉପଢୌକନ, ଫୁଲତୋଡ଼ା ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରମାନେ ୩୦ ବର୍ଷର ସ୍ମୃତିକୁ ରୋମାନ୍ଥନ କରିଥିଲେ। ପୂର୍ବତନ ଶିକ୍ଷକମାନଙ୍କ ମଧ୍ୟରେ ନଚ୍ଛେନ୍ଦ୍ର ବଳ, ଗୋକୁଳାନନ୍ଦ ବେଉରିଆ, ଶଙ୍କର୍ଷଣ ପଡ଼ିହାରୀ, ଯଦୁମଣି ଦାସ ପ୍ରମୁଖ ଆଶୀର୍ବଚନ ପ୍ରଦାନ କରିଥିଲେ। ସୌଭାଗ୍ୟ ସାମଲ, ପ୍ରିୟଦର୍ଶୀ କୁଅଁର, ଅକ୍ଷୟ ରାଉତ, ଶ୍ରୀକାନ୍ତ ରାଉତ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଙ୍ଗୀତ ଶିଳ୍ପୀ ପୁଣ୍ୟପ୍ରଭା ପଡ଼ିହାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରକାଶ ବେଉରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୁନି କୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ।



ବନ୍ଧୁମିଳନ ଉତ୍ସବରେ ଯୋଗ ଦେଇଥିବା ଗୁରୁମା' ଗୁରୁଜୀ ଓ ଅନ୍ୟମାନେ।

# କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ଚେତାବନୀ


ବିଡିଓଙ୍କ ଘରୁ ଚୋରି ପରେ ଥାନାରେ କର୍ମଚାରୀ ଓ ବିଡିଓ ପହଞ୍ଚି ଅଭିଯୋଗପତ୍ର ଦେଉଛନ୍ତି।

## ବିଡିଓଙ୍କ ସରକାରୀ ବାସଭବନରୁ ବାରମ୍ବାର ଚୋରି: ପୋଲିସ ନିଷ୍କ୍ରିୟ

ରାଜକନିକା, ୧୩।୬(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା ଅନ୍ତର୍ଗତ ବିଡିଓଙ୍କ ସରକାରୀ ବାସଭବନରୁ ବାରମ୍ବାର ଚୋରି ଓ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ବ୍ଲକ ପ୍ରଶାସନ ତଥା କାର୍ଯ୍ୟରତ ପଞ୍ଚାୟତସ୍ତରୀୟ କର୍ମଚାରୀମାନେ କଲମଛାଡ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ବୁଧବାର ବିଳମ୍ବିତ ରାତ୍ରିରେ ରାଜକନିକା ମେଡିକାଲ ରୋଡ଼ରେ ଥିବା ବିଡିଓଙ୍କ ସରକାରୀ ବାସ ଭବନରୁ ଚୋର ହୋଇଛି। ରାଜକନିକା ବିଡିଓ ପୃଥ୍ୱୀରାଜ ପରିଡା ଛୁଟିରେ ୨ ଦିନ ଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସିଡ଼ି ଘର ସ୍କାଏଲାଇଟ ଭାଙ୍ଗି ଘର ଭିତରେ ପଶିଥିଲେ। ଘରେ ଥିବା ଗଡ଼ରେଜକୁ ଭଙ୍ଗା ରୁଜା କରିବା ସହ ସମସ୍ତ ଜିନିଷ ପତ୍ର ଚୋରି କରି ନେବା ସହ ବିଭିନ୍ନ ସାମଗ୍ରୀ ଦୁର୍ବୃତ୍ତ ଭାଙ୍ଗିଥିବା ନେଇ ଗୁରୁବାର ବିଡିଓ ଛୁଟିରୁ ଫେରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତ। ଏହା ପୂର୍ବରୁ ଜାନୁୟାରୀ ୨୭ ଓ ମେ ୧୮କୁ ମିଶାଇ ଏହା ତୃତୀୟ ଥର ଚୋରି। ବିଡିଓଙ୍କ ସୁନା ଅଳଙ୍କାର, ଲାପଟପ୍, ମୋବାଇଲ, ଟିଭି, କମ୍ପ୍ୟୁଟର ହାଡଡିକ୍ସ ଭଳି ଲକ୍ଷାଧିକ ଟଙ୍କାର ଆସବାବପତ୍ର ଚୋରି ହୋଇଛି। ପୋଲିସ ଏହାର ଟେର ନ ପାଇବା କେଉଁଠି ନା କେଉଁଠି ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ବିଡିଓଙ୍କ ପକ୍ଷରୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଉଥିଲେ ମଧ୍ୟ ଫଳ ଶୂନ। ବ୍ଲକ ପ୍ରଶାସନ ତଥା କାର୍ଯ୍ୟରତ ପଞ୍ଚାୟତସ୍ତରୀୟ କର୍ମଚାରୀମାନଙ୍କ ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ ବାହାରେ ବୁଲୁଥିବା ବେଳେ ପୋଲିସ ପକ୍ଷରୁ ସେଭଳି କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବାରୁ ସନ୍ଦେହ ସୃଷ୍ଟି କରିଛି। ସେମାନଙ୍କ କହିବା କଥା, ବ୍ଲକ କଲୋନୀର ସରକାରୀ ବାସଭବନରେ ପରିବାର ସହ ରହୁଥିବା କର୍ମଚାରୀମାନେ ଏହାକୁ ନେଇ ଭୟଭୀତ ଅବସ୍ଥାରେ ରହୁଛନ୍ତି। କର୍ମଚାରୀମାନେ ଚୋରି ଭୟରେ କ୍ୱାର୍ଟର୍ସ ଛାଡ଼ି ଘରୁ ଯାଆସ କରୁଛନ୍ତି। ଏଭଳି ଚୋରି ଘଟଣାର ଆସନ୍ତା ୫ ଦିନ ମଧ୍ୟରେ ପୋଲିସ ଯଦି ଅଭିଯୁକ୍ତଙ୍କୁ ଧରିବାରେ ଅସମର୍ଥ ହୁଏ ତେବେ ରାଜକନିକା ବ୍ଲକର କାର୍ଯ୍ୟରତ କର୍ମଚାରୀ ଓ ପଞ୍ଚାୟତସ୍ତରୀୟ ସମସ୍ତ କର୍ମଚାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରି ଗଣଧାରଣାରେ ବସିବେ ବୋଲି ସୁବ୍ରତ ରଞ୍ଜନ ସାମଲ, ରଞ୍ଜିତ କୁମାର ପରିଡ଼ା, ରଞ୍ଜନ କୁମାର ମହାନ୍ତି, ପ୍ରଦୀପ କୁମାର ଝାଙ୍କରଙ୍କ ସମେତ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

# ପିପିଏଲ୍‌ର ଆଦିତ୍ୟ ମହାରଣାଙ୍କୁ ଶ୍ରେଷ୍ଠ ଗୋଲରକ୍ଷକ ପୁରସ୍କାର

## ଚତୁର୍ଥ ସଂସ୍କରଣ ଟାଟା ହକି ଲିଗ୍ ମ୍ୟାଚ

ପାରାଦୀପ, ୧୩।୬
(ଶରତ ରାଉତ)

ଗତ ୧୨ତାରିଖରୁ ଢେଙ୍କାନାଳ ଟାଉନ ହକି ଷ୍ଟାଡିୟମଠାରେ ଚାଲିଥିବା ଚତୁର୍ଥ ସଂସ୍କରଣ ଟାଟା ହକି ଲିଗ୍ ମ୍ୟାଚରେ ପିପିଏଲ୍, ପାରାଦୀପ ସେଣ୍ଟରର ଗୋଲକିପର ଆଦିତ୍ୟ ମହାରଣାଙ୍କୁ ଶ୍ରେଷ୍ଠ ଗୋଲ ରକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଇଛି। ଟାଟା ହକି ଚୟନ ତଥା ବିଚାରକ କମିଟି ଦ୍ୱାରା ଏହି ପୁରସ୍କାର ଚୟନ କରାଯାଇ ତାଙ୍କୁ ପ୍ରଦାନ କରାଯାଇଛି। ଆଦିତ୍ୟ ମହାରଣା ଡିଏଭି ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ର। ତାଙ୍କ ବାପା ସୁରେଶ ଚନ୍ଦ୍ର ମହାରଣା ପିପିଏଲ୍ ସାର କାରଖାନାରେ କାର୍ଯ୍ୟ କରନ୍ତି। ପିପିଏଲ୍‌ର ଏହି ଦଳରେ ସାଇ ସୁରୟାନ୍ସ ଅଧିନାୟକ ତଥା ସୁମିତ୍ ଲାକ୍ରା କୋଚ ଓ ଶାଶ୍ୱତ କୁମାର ଭାରତୀୟ ଟିମ ମ୍ୟାନେଜର ଭାବରେ କାର୍ଯ୍ୟ ଭାର ସମ୍ଭାଳିଛନ୍ତି। ଆଦିତ୍ୟଙ୍କ ଏହି ସଫଳତା ପାଇଁ ତାଙ୍କୁ ବହୁ କ୍ରୀଡ଼ା ଅନୁଷ୍ଠାନ ତଥା କ୍ରୀଡ଼ାବିତ ଅଭିନନ୍ଦନ ଜଣାଇଥିଲେ। ଡିଏଭି, ପିପିଏଲ୍ ପାରାଦୀପ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଓ ବହୁ ଅଧିକାରୀ ଏହି ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ଗୋଲ୍‌କିପର ଆଦିତ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସରିଲା ସଜବାଜ, ରଜ ପାଇଁ ବଜାରରେ ଭିଡ଼

ପଟ୍ଟାମୁଣ୍ଡାଇ, ୧୩।୬ (କଳ୍ପତରୁ ନାୟକ)

ଓଡ଼ିଶାର ଗଣପର୍ବ ଭାବେ ପରିଚିତ ରଜ ମହୋତ୍ସବ ପାଇଁ ଗାଁଠୁ ସହର ବେଶ୍ ଉତ୍ସବମୁଖର। ଗୁରୁବାର ଥିଲା ସଜବାଜ। ଏଥିପାଇଁ ପଟ୍ଟାମୁଣ୍ଡାଇରେ ରଜ ପାଇଁ ବଜାର ସରଗରମ ହୋଇପଡ଼ିଛି। ପ୍ରବଳ ଖରା, ଗୁଳୁଗୁଳି ଦିନବେଳା ବେପାରକୁ କିଛି ମାତ୍ରାରେ ପ୍ରଭାବିତ କରିଥିବା ବେଳେ ସନ୍ଧ୍ୟାରୁ ବେପାର ଜମୁଛି। ସନ୍ଧ୍ୟାବେଳେ ବିଭିନ୍ନ କପଡ଼ା ଦୋକାନ, ମିଠା, ପନିପରିବା, ଫଳ, ଜୋତା, କସ୍‌ମେଟିକ ଓ ଟେସ୍‌ନାରି ଦୋକାନ ସବୁଠି ଅସମ୍ଭାଳ ଭିଡ଼ ଦେଖାଯାଉଛି। କିଏ ନିଜ ମନ ପସନ୍ଦର ପୋଷାକ କିଣୁଛି ତ' କିଏ ପୋଷାକ ସହ ମ୍ୟାଚ୍ କରୁଥିବା କାନଫୁଲ, ଚୁଡ଼ି, ଅଳଙ୍କାର ଓ ଜୋତା, ବ୍ୟାଗ୍ ବାଛି ନେଉଛନ୍ତି। ବ୍ୟବସାୟୀ ବି ଅଫର ଦେଇ ଗ୍ରାହକଙ୍କୁ ଟାଣି ଆଣୁଛନ୍ତି। ଧନୀ ହେଉ କି ଗରିବ, ରଜ ପର୍ବ ପାଳନ ପାଇଁ ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ। ଖାସ୍ କରି ପୋଷାକ ଓ କସ୍‌ମେଟିକ ଦୋକାନରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳୁଛି।

ରଜ ବଜାରରେ ଫଳର ଚାହିଦା ବି ଅଧିକ। ଆମ୍ବ, ପଣସ, ସପୁରି ଦର ଆକାଶଛୁଆଁ ହୋଇଥିଲେ ବି ଲୋକେ ରଜ ପାଇଁ ଚଢ଼ା ଦରରେ କିଣୁଥିବା ଦେଖିବାକୁ ମିଳୁଛି। ସଜବାଜ ଥିବାରୁ ଗାଁ ଗହଳିରେ ରଜ ମଉଜ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ତେବେ କେବଳ ଅଫ୍‌ଲାଇନ୍ ନୁହେଁ, ବରଂ ଅନ୍‌ଲାଇନ୍‌ରେ ମଧ୍ୟ ବେପାର ଜମୁଛି। ବିଭିନ୍ନ ଅନ୍‌ଲାଇନ୍ ଶପିଂ ସାଇଟ୍‌ରେ ଅଫର ଘରେ ବସି ଅର୍ଡର କରିବାକୁ ଅନେକ ଗ୍ରାହକଙ୍କୁ ଉତ୍ସାହିତ କରୁଛି। ବିଶେଷକରି ରଜ ସମୟରେ କରଣ ଘରର ଝିଅମାନେ ମାଟିରେ ପାଦ ନ ଦେବା ପରମ୍ପରା ଥିବାରୁ ପୋଷାକ ସହ ଚପଲରେ ଅନେକଙ୍କର ଆଗ୍ରହ ରହିଥିବା ଦେଖାଯାଇଛି। ରଜରେ ସଜବାଜ ହେବା ପାଇଁ ଯୁବତୀମାନେ ଅପେକ୍ଷା କରି ରହିଥା'ନ୍ତି। ବିଭିନ୍ନ ବିଉଟି ପାର୍ଲରରେ ମଧ୍ୟ ଭିଡ଼ ଦେଖାଯାଉଛି। ଘରେ ଘରେ ରଜ ପାଇଁ ବିଭିନ୍ନ ପ୍ରକାର ପିଠାପଣା, ପୋଡ଼ପିଠା, ଆରିଶା, କାକରା, ମଣ୍ଡା ସହିତ ରଜପାନ ପ୍ରସ୍ତୁତ କରାଯାଇଛି। ରଜ ୩ ଦିନଯାକ ଘରେ ପିଠାପଣା ଓ ମିଠାର ଆସର ଜମିଥିବାବେଳେ ବନ୍ଧୁ ପ୍ରିୟଜନଙ୍କ ଭେଟଘାଟ ହେବାର ପରମ୍ପରା ଅତ୍ୟନ୍ତ ନିଆରା। ଏହି ଦିନଗୁଡ଼ିକରେ ଓଡ଼ିଆମାନେ କୌଣସି କାମଧନ୍ଦା ନ କରି ରଜଦୋଳି, ବାଗୁଡ଼ି, ତାସ୍, ପଶାଖେଳ ଆଦିର ମଜା ଉଠାଇଥା'ନ୍ତି। ଅପରପକ୍ଷେ ଗାଁ ଗହଳିର ଦୋଳି ବାନ୍ଧିବା କାର୍ଯ୍ୟ ସରିଲାଣି। କୁମାରୀମାନେ ରଜ ଗୀତ ଓ ନୃତ୍ୟରେ ଝୁମୁଥିବା ବେଳେ ଆସନ୍ତା ତିନି ଦିନ ପାଇଁ ପ୍ରସ୍ତୁତି କରୁଛନ୍ତି। ବନସ୍ତେ ଡାକିଲା ଗଜ, ଏମିତି ଅନେକ ରଜ ଗୀତ ଓ ନାଚ ଅଭ୍ୟାସରେ ଲାଗିଛନ୍ତି।


ରଜ ପାଇଁ ସଜବାଜ : ପଟ୍ଟାମୁଣ୍ଡାଇ ବଜାରରେ ସାମଗ୍ରୀ କିଣିବା ଲାଗି ଗହଳି ହୋଇଛି।

# ୬୭ ସ୍ଥାନରେ ସିବିଆଇ ଚଢ଼ାଉ

**ଡାକ ବିଭାଗରେ ଗ୍ରାମୀଣ ଡାକ ସେବକ ନିଯୁକ୍ତିରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଦୁର୍ନୀତି ମାମଲାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଖୋଳତାଡ଼ ଆରମ୍ଭ କରିଛି। କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲାର ପ୍ରାୟ ୬୭ଟି ସ୍ଥାନରେ ଗୁରୁବାର ସିବିଆଇ ଚଢ଼ାଉ କରିଛି। ଏହି ଚଢ଼ାଉରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ସାମିଲ ହୋଇଛନ୍ତି। ସିବିଆଇ ବହୁ ବ୍ୟକ୍ତିଙ୍କୁ ପଚରାଉଚରା କରିବା ସହ ସନ୍ଦେହଜନକ ଦସ୍ତାବିଜ୍ ମଧ୍ୟ ଜବତ କରିଥିବା ସୂଚନା ମିଳିଛି। ରାଜ୍ୟରେ ନୂଆ ସରକାର ଶପଥ ନେବାର ଦିନକ ପରେ ଏହି ଚଢ଼ାଉ କରାଯାଇଥିବାରୁ ବିଭିନ୍ନ ମହଲରେ ଏହାକୁ ସ୍ୱାଗତ କରାଯାଉଛି।**

**ଭୁବନେଶ୍ୱର, ୧୩।୬ (ସତ୍ୟଜିତ୍ ରାଉତ)**

## ଗ୍ରାମୀଣ ଡାକ ସେବକ ନିଯୁକ୍ତିରେ ଜାଲ୍ ସାର୍ଟିଫିକେଟ

- ବହୁ ବ୍ୟକ୍ତିଙ୍କୁ ପଚରାଉଚରା, ସନ୍ଦେହଜନକ ଦସ୍ତାବିଜ୍ ଜବତ
- ତଦନ୍ତ ପାଇଁ ୨୦୨୩ ଏପ୍ରିଲ ୧୦ରେ ସିବିଆଇକୁ ଚିଠି ଲେଖିଥିଲେ ମହାଡାକପାଳ

ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିବା ଘଟଣାର ତଦନ୍ତ କରୁଥିବା ସିବିଆଇର ୧୨୨ଜଣ ଅଧିକାରୀଙ୍କ ସମେତ ୨୦୪ଜଣ ଅଧିକାରୀ ରାଜ୍ୟର ଏକାଧିକ ଜିଲାର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛନ୍ତି। ନୂଆପଡା ଜିଲା ଧରମବନ୍ଧା ଥାନା ଓ ବେଲଟୁକୁରି ଥାନା ଅଞ୍ଚଳର ବହୁ ଗାଁରେ ସିବିଆଇ ଚଢ଼ାଉ କରିଛି। ସେହିପରି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଓ ନର୍ଲା ବ୍ଲକର ବିଭିନ୍ନ ସ୍ଥାନ ସହ ନର୍ଲା ଚାରିଛକସ୍ଥିତ ଶ୍ରୀୟା କମ୍ପ୍ୟୁଟର ଅନ୍‌ଲାଇନ ମାଲିକଙ୍କ ଘର, ଭଦ୍ରକ ଜିଲା ବନ୍ତ ବଜାରସ୍ଥିତ ପଦ୍ମାବତୀ ଏକାଡେମୀରେ ଓ ଭଣ୍ଡାରଗଡିଆସ୍ଥିତ ମାଲିକଙ୍କ ଘର, ନବରଙ୍ଗପୁର ଜିଲା ରାଇଘରସ୍ଥିତ ଜଣେ ଅଭିଯୁକ୍ତଙ୍କ ଘର ଉପରେ ସିବିଆଇ ଚଢ଼ାଉ କରିବା ସହ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଏବଂ ରାୟଗଡା ଜିଲା ରାମନାଗୁଡ଼ା, ବିଷମକଟକ ଓ କଲ୍ୟାଣସିଂହପୁର ବ୍ଲକରେ ଥିବା ବିଭିନ୍ନ ଡାକ କାର୍ଯ୍ୟାଳୟକୁ ସିବିଆଇ ଅଧିକାରୀମାନେ ଯାଞ୍ଚ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଏକାଧିକ ସ୍ଥାନରେ ସିବିଆଇ ପକ୍ଷରୁ ଯାଞ୍ଚ ଜାରି ରହିଥିବାବେଳେ ବହୁ କାଗଜାଦି ଜବତ କରାଯାଇଛି। ଏପରି କି ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା ମଧ୍ୟ କରାଯାଇଥିବା ଜଣାପଡିଛି। ଏହି ଖୋଳତାଡ଼ ଶୁକ୍ରବାର ମଧ୍ୟ କରାଯିବ ବୋଲି ବିଶେଷସୂତ୍ରରୁ ଜାଣିବାକୁ ମିଳିଛି।

ପ୍ରକାଶ ଯେ, ଡାକ ବିଭାଗ ପକ୍ଷରୁ ୨୦୨୩ ଜାନୁଆରୀ ୨୭ରେ ଗ୍ରାମୀଣ ଡାକ ସେବକ (ଜିଡିଏସ୍) ପଦବୀ ଅନ୍ତର୍ଗତ ବ୍ରାଞ୍ଚ ପୋଷ୍ଟ ମାଷ୍ଟର (ବିପିଏମ୍), ଆସିଷ୍ଟାଣ୍ଟ ବ୍ରାଞ୍ଚ ପୋଷ୍ଟ ମାଷ୍ଟର (ଏବିପିଏମ୍) ଓ ଡାକ ସେବକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପଦବୀ ପାଇଁ କୌଣସି ବ୍ୟକ୍ତିଗତ ସାକ୍ଷାତ୍‌କାର ପରୀକ୍ଷା ନ ଥିଲା। କେବଳ ମାଟ୍ରିକ ମାର୍କ ଆଧାରରେ ପଦବୀ ପୂରଣ ପାଇଁ ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ଜାଲ୍ ସାର୍ଟିଫିକେଟ୍ ପ୍ରସ୍ତୁତ କରି ପଦବୀ ପାଇଁ ଆବେଦନ କରିଥିଲେ। ବଲାଙ୍ଗୀର ଜିଲାରୁ ହିଁ ଏହି କାରବାରର ପର୍ଦ୍ଦାଫାଶ ହୋଇଥିଲା। ପରେ ଏହି ଲିଙ୍କ୍ ଅନ୍ୟ ଜିଲାକୁ ମଧ୍ୟ ବ୍ୟାପିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ବଲାଙ୍ଗୀର ଡାକ ମଣ୍ଡଳରେ ଚୟନ ହୋଇଥିବା ପ୍ରାୟ ୩୭ଜଣ ଆବେଦନକାରୀ ଦଶମରେ ୯୮ ପ୍ରତିଶତ ମାର୍କ ରଖିଥିଲେ। ସେମାନେ ଉତ୍ତରପ୍ରଦେଶ ବୋର୍ଡରୁ ଉତ୍ତୀର୍ଣ୍ଣ ହୋଇଥିବା ସାର୍ଟିଫିକେଟ୍ ଦେଇଥିଲେ। ତେବେ ଚୁକ୍ତିନାମା ଲେଖିବାବେଳେ ସେମାନେ ଠିକ୍‌ରେ ଇଂରାଜୀ ଲେଖି କି ପଢ଼ିପାରୁ ନ ଥିବା ଜଣାପଡ଼ିଥିଲା। ଏହାକୁ ନେଇ ସନ୍ଦେହ ହେବା ପରେ ୨୦୨୩ ମାର୍ଚ୍ଚରେ ବଲାଙ୍ଗୀର ଡାକ ଅଧୀକ୍ଷକଙ୍କ ପକ୍ଷରୁ ପ୍ରଥମେ ବଲାଙ୍ଗୀର ଟାଉନ ଥାନାରେ ଏତଲା ହେବା ପରେ ଜିଲା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ବଲାଙ୍ଗୀର ପୋଲିସ ସ୍ଥାନୀୟ ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ ମାଲିକ ତଥା ମାଷ୍ଟରମାଇଣ୍ଡ ମନୋଜ ମିଶ୍ରଙ୍କ ସମେତ ୧୯ ଆବେଦନକାରୀଙ୍କ ସହ ୨୧ ଜଣଙ୍କୁ ଗିରଫ କରିଥିଲା। ମନୋଜଙ୍କ ପାଖରୁ ଦେଶର ୪୧ଟି ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ୫ହଜାରରୁ ଊର୍ଦ୍ଧ୍ୱ ଜାଲ ସାର୍ଟିଫିକେଟ୍ ଜବତ କରାଯାଇଥିଲା। ସାର୍ଟିଫିକେଟ୍ ପାଇଁ ୫୦ହଜାରରୁ ୫ ଲକ୍ଷ ଯାଏ କାରବାର ହେଉଥିଲା। ୨୦୨୩ ମାର୍ଚ୍ଚ ୩୧ରେ ପୋଲିସ ଡିଜି ଏନେଇ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇଥିଲେ। କ୍ରାଇମବ୍ରାଞ୍ଚ ବହୁ ବୋର୍ଡ ଓ ୟୁନିଭର୍ସିଟିର ୧୫୦୦ ସାର୍ଟିଫିକେଟ୍ ଜବତ କରିବା ସହ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ତେବେ ଏହି ଜାଲ୍ ସାର୍ଟିଫିକେଟ୍ ମାମଲାରେ ଏକାଧିକ ରାଜ୍ୟ ସାମିଲ ଥିବାରୁ ତଦନ୍ତ ପାଇଁ ୨୦୨୩ ଏପ୍ରିଲ ୧୦ରେ ଓଡିଶା ସର୍କଲ ଡାକ ବିଭାଗ ପକ୍ଷରୁ ମହାଡାକପାଳ ସିବିଆଇକୁ ଚିଠି ଲେଖିଥିଲେ।

# ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୃତ ଦିଲୀପଙ୍କ ପରିବାର



ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖ ଜଣାଉଛନ୍ତି ମୃତ ଦିଲୀପଙ୍କ ବାପା।

**ଖଲ୍ଲିକୋଟ, ୧୩।୬(ପ୍ରଶାନ୍ତ କୁମାର ମିଶ୍ର)**

ଖଲ୍ଲିକୋଟ ଶ୍ରୀକୃଷ୍ଣଶରଣପୁର ଗ୍ରାମର ମୃତ ଦିଲୀପ ପାହାନଙ୍କ ପରିବାର ଲୋକେ ବୁଧବାର ରାତି ପ୍ରାୟ ୯ଟାରେ ଲୋକ ସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଭେଟିଛନ୍ତି। ଭାଜପା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଶପଥ ସମାରୋହରେ ଯୋଗ ଦେବା ପାଇଁ ଦିଲୀପଙ୍କ ପରିବାରକୁ ସ୍ୱତନ୍ତ୍ର ନିମନ୍ତ୍ରଣ ହୋଇଥିଲା। ତେଣୁ ସେମାନେ ଜନତା ମୈଦାନଠାରେ ଶପଥ ଗ୍ରହଣ ସମାରୋହରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ସରିବା ପରେ ଦିଲୀପଙ୍କ ସ୍ତ୍ରୀ ସାବିତ୍ରୀ ପାହାନ, ବାପା ରାମଚନ୍ଦ୍ର ପାହାନ ଲୋକ ସଭା ଭବନକୁ ଆସିଥିଲେ। ନୂତନ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦିଲୀପ ହତ୍ୟାକାରୀଙ୍କୁ କଠୋର ଦଣ୍ଡ କିପରି ମିଳିବ ସେ ନେଇ ରାମଚନ୍ଦ୍ର ପାହାନ ଅନୁରୋଧ କରିଥିଲେ। ଏହି ଆଲୋଚନା ସମୟରେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଭାଜପା ନେତ୍ରୀ ଭାରତୀ ବେହେରା, ଅନିଲ କୁମାର ପଣ୍ଡା, ଯଜ୍ଞନାରାୟଣ ଦାଶ, ଅରୁଣ ପଣ୍ଡା, ଶଙ୍କର ପ୍ରସାଦ ନାହାକ, ଶମ୍ଭୁନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର:ପରସ୍ପର ବିରୋଧୀ ମାମଲା ରୁଜୁ

**ଆସିକା ୧୩।୦୬ (ସୁରେନ୍ଦ୍ର ନାଥ ସାହୁ)**

ଆସିକା ଥାନା ଅନ୍ତର୍ଗତ ସାହାସପୁର ଗ୍ରାମରେ ବୁଧବାର ରାତିରେ ଏକ ସଂଘବଦ୍ଧ ଆକ୍ରମଣରେ ସେହି ଗ୍ରାମର ସୁରେଶ ଜେନା ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣକାରୀଙ୍କ ଲୁହାଛଡ଼ରେ ଆହତ ସୁରେଶଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଆକ୍ରମଣ ଘଟଣାକୁ ନେଇ ତାଙ୍କ ବାପା ଯୋଗେନ୍ଦ୍ର ଜେନା ଆସିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୬୯/୨୪ ଅନୁଯାୟୀ ସେହି ଗ୍ରାମର ୮ଜଣଙ୍କ ନାମରେ ମାମଲା ରୁଜୁ କରିଛି । ଅପରପକ୍ଷେ ଆକ୍ରମଣକାରୀଙ୍କ ପକ୍ଷରୁ ମଧ୍ୟ ଅନୁରୂପ ଭାବେ ଏକ ଅଭିଯୋଗ ପୋଲିସରେ ଦାଖଲ ହୋଇଛି । ପୋଲିସ ପକ୍ଷରୁ ଏହି ଅଭିଯୋଗକୁ ଭିତ୍ତି କରି ନଂ. ୪୭୦/୨୪ରେ ଦୁଇଜଣଙ୍କ ନାମରେ ମାମଲା ରୁଜୁ କାରଯାଇଛି। ତେବେ ଉଭୟ ପକ୍ଷ ପରସ୍ପର ବିରୋଧରେ ମାମଲା ରୁଜୁ କରିଥିଲେ ମଧ୍ୟ ଅଦ୍ୟାବଧି ଏହି ମାମଲାରେ କେହି ଗିରଫ ହୋଇପାରିନଥିବ ଜଣାପଡିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥିବା ଓ ମାମଲାର ଅଭିଯୁକ୍ତଙ୍କୁ ଗିରଫ ଲାଗି ପୋଲିସ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଦିବ୍ୟସିଂହପୁର ଶୀତଳଷଷ୍ଠୀରେ ଭିନ୍ନ ପରମ୍ପରା

**ଛତ୍ରପୁର, ୧୩।୬(ସନ୍ତୋଷ ପାଢ଼ୀ):**

ଛତ୍ରପୁର ବ୍ଲକ ବଡଲଗାଁ ପଞ୍ଚାୟତ ଅଧିନ ଦିବ୍ୟସିଂହପୁର ଗାଁରେ ଶିବ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ନିଆରା ଏବଂ ଭିନ୍ନ ପରମ୍ପରାରେ ଅନୁଷ୍ଠିତ ହୋଇଆସୁଛି । ସବୁଆଡେ ମଙ୍ଗଳବାର ରାତିରେ ଶିବ ବିବାହ ସମ୍ପନ୍ନ ହୋଇଥିବାବେଳେ ଏଠାରେ ଗୋଟିଏ ଦିନ ପରେ ଅର୍ଥାତ୍ ବୁଧବାର ଶିବ-ପାର୍ବତୀ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ହୋଇଥିଲା। ଏଥିପାଇଁ ଗାଁ ଓ ଆଖପାଖ ଅଞ୍ଚଳ ଉତ୍ସବ ମୁଖରିତ ହୋଇଉଠିଥିଲା। ବୁଧବାର ଭୋରରେ ଶିବ-ପାର୍ବତୀ ବିବାହ ମଣ୍ଡପରେ ବିଜେ ହୋଇଥିଲେ। ଏହାପୂର୍ବରୁ ପଣ୍ଡିତ ବାସୁଦେବ ମିଶ୍ରଙ୍କ ପୁତ୍ର ତଥା କନ୍ୟା ପିତା ସନ୍ତୋଷ କୁମାର ମିଶ୍ର ମନ୍ଦିରକୁ ଯାଇ ବିବାହ ମଣ୍ଡପକୁ ଆସିବା ପାଇଁ ମହାଦେବ ଶିବଙ୍କୁ ନିମନ୍ତ୍ରଣ କରିଥିଲେ । ବିରାଟ ପଟୁଆର ସହ ସଙ୍କୀର୍ତ୍ତନ ଦଳକୁ ନେଇ ଶିବ ବିବାହ ପାଇଁ ଆସିଥିଲେ । ଦିବ୍ୟସିଂହପୁର ଗାଁର କନକ ମଣ୍ଡପରେ ବୈଦିକ ରୀତିନୀତି ଓ ପରମ୍ପରା ଅନୁସାରେ ଶିବ-ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା । ଏଥିରେ ବର ପିତା ଭାବେ ରାଧାଗୋବିନ୍ଦ ତ୍ରିପାଠୀ ଓ କନ୍ୟା ପିତା ଭାବେ ସନ୍ତୋଷ ମିଶ୍ର ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ପୁରୋହିତ ପୂର୍ଣ୍ଣ ଚନ୍ଦ୍ର ଶତପଥୀ ଓ ପିତାମ୍ବର ଶତପଥୀ ଏହି ବିବାହ କାର୍ଯ୍ୟ କରିଥିଲେ । ପରେ ଗାଁରେ ଦାସକାଠିଆ ପରିବେଷଣ ହୋଇଥିଲା । ଗୁରୁବାର ଗାଁ ପରିକ୍ରମା କରିବା ପରେ ଶିବ ଓ ପାର୍ବତୀ ମନ୍ଦିରକୁ ଫେରିଥିଲେ। ସନ୍ଧ୍ୟାରେ ଭାରତଲୀଳା ନାଟକ ପରିବେଷଣ ହୋଇଥିଲା। ପରିଚାଳନା କମିଟିର ସଭାପତି ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ସୁଧାଂଶୁ ଶେଖର ଶତପଥୀ, ଗ୍ରାମ୍ୟ କମିଟିର ଦୁର୍ଗା ଚରଣ ଶତପଥୀ, ପ୍ରଫୁଲ୍ଲ ଶତଶଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ପୂଜା ଚାଲିଛି ।

# ଆବଶ୍ୟକତା ପୂରଣ କରିପାରୁଛି ଭଞ୍ଜନଗର ବ୍ଲଡ୍ ବ୍ୟାଙ୍କ

**ଭଞ୍ଜନଗର, ୧୩।୬(ବାବୁଲା ପ୍ରଧାନ):**

ଶୁକ୍ରବାର ବିଶ୍ୱ ରକ୍ତଦାତା ଦିବସ। ଏଥିପାଇଁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଏକ ସଭା ହେବ। ଏଥିସହ ରକ୍ତଦାତା ଦିବସର ଆବଶ୍ୟକତା ସମ୍ପର୍କରେ ସଚେତନ କରାଯିବ। ଜରୁରୀ ସମୟରେ ରକ୍ତ ପ୍ୟାକେଟ ଯୋଗାଡ କରିବା ପାଇଁ ରୋଗୀ ଅଭିଭାବକମାନେ ଚିନ୍ତାରେ ପଡୁଥିବା ବେଳେ ଭଞ୍ଜନଗରର ସ୍ୱେଚ୍ଛାସେବୀମାନେ ସେମାନଙ୍କ ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ ହେଉଛନ୍ତି। ବିଶେଷକରି ବିପଦର ବନ୍ଧୁ କର୍ମକର୍ତ୍ତା, ଘୁମୁସର ରେଡ୍ ଡ୍ରପ ଗ୍ରୁପ୍, ଇସ୍କନ ଭକ୍ତ, ବାବୁ ରଥ, ଅରକ୍ଷିତ ପରିଚ୍ଛା, ପ୍ରଦୀପ ଜେନା ପ୍ରମୁଖଙ୍କ ପ୍ରଚେଷ୍ଟା ଯୋଗୁଁ ରୋଗୀମାନେ ସୁବିଧାରେ ରକ୍ତ ପାଇ ପାରୁଛନ୍ତି। ଗୁରୁବାର ଯୁବ ସମାଜ ସେବୀ ଲୋକନାଥ (୩୦) ରକ୍ତଦାନ କରିଛନ୍ତି। ସେ ଏ ପର୍ଯ୍ୟନ୍ତ ୩୭ ଥର ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ତେଣୁ ଭଞ୍ଜନଗର ମେଡ଼ିକାଲକୁ ଚିକିତ୍ସିତ ହେବାକୁ ଆସୁଥିବା ରୋଗୀଙ୍କୁ ଆଜକୁ ପ୍ରାୟ ୫ ବର୍ଷ ହେବ ରକ୍ତ ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁନାହିଁ। ଭଞ୍ଜନଗର ବ୍ଲଡ ବ୍ୟାଙ୍କରେ ବେଳେ ବେଳେ ରକ୍ତ ବଳକା ରହୁଥିବା ଯୋଗୁଁ ରାଜ୍ୟର ଅନ୍ୟ ବ୍ଲଡ ବ୍ୟାଙ୍କକୁ ପଠାଯାଉଥିବା ନଜିର ରହିଛି।

# ନୂଆ ମୁଖ୍ୟମନ୍ତ୍ରୀଙ୍କୁ ବାଲୁକା କଳା ମାଧ୍ୟମରେ ଶୁଭେଚ୍ଛା




ଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନଙ୍କ ବାଲୁକା କଳା।

**ଗଞ୍ଜାମ, ୧୩।୬(ବିଦ୍ୟାଧର ସାହୁ):**

ଓଡିଶାର ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବୁଧବାର ଭୁବନେଶ୍ୱରସ୍ଥିତ ଜନତା ମୈଦାନରେ ଶପଥ ଗ୍ରହଣ କରିଛନ୍ତି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ବଟେଶ୍ୱର ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ତାଙ୍କୁ ସ୍ୱାଗତ ଜଣାଯାଇଛି। ସ୍ଥାନୀୟ କଣ୍ଟିଆଗଡ଼ ଗ୍ରାମର ଯୁବ ବାଲୁକା ଶିଳ୍ପୀ ସଚ୍ଚିଦାନନ୍ଦ ପ୍ରଧାନ ବାଲୁକା କଳା ମାଧ୍ୟମରେ ନୂତନ ମୁଖ୍ୟମନ୍ତ୍ରୀଙ୍କ ମୁଖମଣ୍ଡଳର ପ୍ରତିକୃତି ବାନାଇବା ସହ ସେଥିରେ ରଙ୍ଗ ଦେଇଛନ୍ତି। ଉକ୍ତ ବାଲୁକା କଳା ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଛି। ସଚ୍ଚିଦାନନ୍ଦଙ୍କ ଏପରି ଆକର୍ଷଣୀୟ କଳାକୁ ବିଭିନ୍ନ ମହଲାରୁ ଉଚ୍ଚ ପ୍ରଶଂସା କରାଯାଇଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବଜରଙ୍ଗ ଦଳର ଦାବିପତ୍ର

## ଆତଙ୍କବାଦୀ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

**ଛତ୍ରପୁର, ୧୩।୬(ସନ୍ତୋଷ ପାଢ଼ୀ ):**

ଜାମ୍ମୁ କଶ୍ମୀରର ଶିବ ଖୋରି ମନ୍ଦିରରୁ ତୀର୍ଥଯାତ୍ରୀ ବସ କଟ୍ରା ଯାଉଥିବା ବେଳେ ଗତ ରବିବାର ସନ୍ଧ୍ୟାରେ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୧୦ ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣାକୁ ସମଗ୍ର ଦେଶବାସୀ ନିନ୍ଦା କରିଛନ୍ତି। ସରକାର ଆତଙ୍କବାଦୀ ଦମନ କାର୍ଯ୍ୟକ୍ରମକୁ ଅଧିକ ଦୃଢ କରୁ ବୋଲି ଗଞ୍ଜାମ ଜିଲା ବଜରଙ୍ଗ ଦଳ ଗୁରୁବାର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛି। ବଜରଙ୍ଗ ଦଳ ଏହି ଅଘଟଣରେ ମୃତ ହିନ୍ଦୁ ଯାତ୍ରୀଙ୍କ ଆତ୍ମାର ସଦଗତି କାମନା କରିବା ସହ ତାଙ୍କ ପରିବାର ପ୍ରତି ସହାୟ ହେବାପାଇଁ ସରକାରଙ୍କୁ ନିବେଦନ କରିଛି। ଜାମୁ କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରାଯାଇ ଏକ ଶାନ୍ତିର ବାତାବରଣ ସୃଷ୍ଟି କରିବା ପାଇଁ ସରକାର ଚେଷ୍ଟା କରୁଥିବା ବେଳେ ପାକିସ୍ତାନ ଆତଙ୍କବାଦୀଙ୍କ ଏଭଳି ଆକ୍ରମଣ ପୁଣି ଅଶାନ୍ତ ବାତାବରଣ ଆଡକୁ ଟାଣି ନେଉଛି ବୋଲି ଦଳର କାର୍ଯ୍ୟକର୍ତ୍ତାମାନେ କହିଛନ୍ତି। ବିଶ୍ୱହିନ୍ଦୁ ପରିଷଦର ଗଞ୍ଜାମ ଜିଲ୍ଲା ସମ୍ପାଦକ ରାଜୀବ ଖାଡ଼ଙ୍ଗା, ବଜରଙ୍ଗ ଦଳ ଗଞ୍ଜାମ ଜିଲ୍ଲା ସମ୍ପାଦକ ବଳରାମ ମହାରଣା, ସହ ସମ୍ପାଦକ ଭୈରବୀ ସାହୁ ଓ ଅଜୟ ବେହେରା, ମୁନା ସେଠି, ମହାନଗର ସଂଯୋଜକ ନନ୍ଦ କୁମାର ସାହୁ, ରାମକୃଷ୍ଣ ରେଡ୍ଡୀ, ପ୍ରତାପ ସାହୁ, ରୋଶନ ସାହୁ,ଶ୍ରୀକାନ୍ତ ସାହୁ, ସୁନୀଲ ମହାରଣା, ସରସ୍ୱତୀ ମହାରାଜ, ଏନ.ହରିକ୍ରିଷ୍ଣା, କାଳୀ ଦାସ, ମୋହନ ରେଡ୍ଡୀ, ଦୀପକ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା।

# ଏନ୍‌ଏସି ରାସ୍ତା ମଝିରେ ଗର୍ତ୍ତ, ପ୍ରତିକାର ଦାବି

**ବୁଗୁଡ଼ା, ୧୩।୬(କାଳିଚରଣ ଦାଶ)**

ସ୍ଥାନୀୟ ମଦନ ମୋହନ ଛକରୁ ବଡଦାଣ୍ଡକୁ ଯିବା ବାଟରେ ମିଲ ସମ୍ମୁଖରେ କଙ୍କ୍ରିଟ ପ୍ଲେଟ ଭାଙ୍ଗି ଯାଇଥିବାରୁ ରାସ୍ତା ମଝିରେ ଏକ ଗର୍ତ୍ତ ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଛି। ଏନ୍‌ଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ଗର୍ତ୍ତରେ ସାଇକେଲ ଓ ବାଇକ୍ ଆରୋହୀ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ଗତ ସପ୍ତାହରେ ରାତିରେ ସେହି ସ୍ଥାନରେ ଗାଈର ଗୋଡ ପଶିଯାଇ ଭାଙ୍ଗି ଯାଇଥିବା ବେଳେ ଗୁରୁବାର ଅପରାହ୍ନରେ ଜଣୈକା ଯୁବତୀ ସେଥି ଯୋଗୁ ଦୁର୍ଘଟଣାର ଶିକାର ହୋଇଥିଲେ। ତେଣୁ ଏହାର ପ୍ରତିକାର କରିବାକୁ ଦାବି ହୋଇଛି।

# ବିଲୁଆ କାମୁଡ଼ାରେ ୫ ଗୁରୁତର

**ଦିଗପହଣ୍ଡି, ୧୩।୬(ଅଶେଷନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ଓ ନୂଆଗଡ଼ ଗ୍ରାମର ୫ ପୁରୁଷ ଓ ମହିଳାଙ୍କୁ ବିଲୁଆ କାମୁଡ଼ାରେ ୫ ପୁରୁଷ ଓ ମହିଳାଙ୍କୁ ଗୁରୁବାର ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୈଠଖଣ୍ଡି ପଞ୍ଚାୟତ ନୂଆଁଗଡ ଗ୍ରାମର ମଳା ପ୍ରଧାନ, ନିଲୁ ପ୍ରଧାନ, ସୁଷମା ପ୍ରଧାନ, ରୁଷି ପ୍ରଧାନଓ କଇଠଖଣ୍ଡି ଗ୍ରାମର ଟ୍ରାକ୍ଟର୍ ଚାଳକ ପ୍ରକାଶ ବେହେରା। ସକାଳେ କୁହୁରି ବାଡକୁ ଯାଇଥିବା ବେଳେ ୪ ଜଣଙ୍କୁ ବିଲୁଆ କାମୁଡିଥିଲା। ସେହିପରି ପ୍ରକାଶ ବେହେରା ଟ୍ରାକ୍ଟର୍ ଯୋଗେ ବାଲି ଆଣିବା ପାଇଁ ଘୋଡାହାଡ ନଦୀକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ବିଲୁଆ ଆକ୍ରମଣ କରିଥିଲା। ସମସ୍ତ ଗୁରୁତର ଆହତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବ କୁଇ ସମାଜ



ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରି ପୂଜାର୍ଚ୍ଚନା ଚାଲିଛି।

**ଭଞ୍ଜନଗର, ୧୩।୬(ବାବୁଲା ପ୍ରଧାନ):**

ମୋହନ ଚରଣ ମାଝି ମୁଖ୍ୟମନ୍ତ୍ରୀ ହେବା ପରେ ନିଖିଳ ଉତ୍କଳ କୁଇ ସମାଜ ଘୁମୁସର ତାଲୁକା କର୍ମକର୍ତ୍ତାମାନେ ଉତ୍ସାହିତ ହୋଇଛନ୍ତି। ଗୁରୁବାର ଘୁମୁସର ତାଲୁକା କୁଇ ସମାଜ ଶାଖା ପକ୍ଷରୁ ସଳପଡଇଲା ଠାରେ ଏକ ସଭା ହୋଇଥିଲା। ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଆଗାମୀ ଦିନରେ ଘୁମୁସର ତାଲୁକା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବ। ଏଥିପାଇଁ ଭଞ୍ଜନଗରରେ ଏକ ବଡ଼ ସଭା କରାଯିବ ବୋଲି ବୈଠକରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରି ଗ୍ରାମ ମନ୍ଦିରରେ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଘୁମୁସର ଅଞ୍ଚଳ ସଭାପତି ପାଣ୍ଡ ମଲିକ, ଶତ୍ରୁଘ୍ନ ଗୌଡ଼, (ମାଳ ବିକାଶ ମଞ୍ଚ ଅଧ୍ୟକ୍ଷ), ଉପ ସଭାପତି ଉଦୟ ଜାନି, ସମ୍ପାଦକ ଯୁବରାଜ ଜାନି ,କୁଇ ସମାଜ ସଂଗଠକ ଟୁନା ଜାନି, ସୁବାସ ମଳିକ, ଭଗବାନ ମଳିକ, ପଠାଣି ମଳିକ, କାହ୍ନୁ ମଳିକ, ଚନ୍ଦ୍ର ଜାନି, କାଞ୍ଚନ ମଳିକ, ସନ୍ତୋଷିନୀ ମଳିକ, ବିଳାସିନୀ ଜାନି ପ୍ରମୁଖ ଯୋଗ ଦେଇଥିଲେ।

# ସୁରଟରୁ ଶ୍ରମିକଙ୍କ ମୃତଦେହ ଆଣିବାକୁ ଗୁହାରି

## ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ପରିବାର

**ଛତ୍ରପୁର, ୧୩।୬(ଦିଲୀପ ସାମଲ):**

ଛତ୍ରପୁର ବ୍ଲକ ସୁନ୍ଦରପୁର ପଞ୍ଚାୟତ ବଳରାମପୁର ଗ୍ରାମର ସୁନୀଲ ନାହାକ ଗୁଜୁରାଟର ସୁରଟ ଅଞ୍ଚଳକୁ କାମ କରିବାକୁ ଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ସୁରଟରୁ ମୃତଦେହ ଆଣିବା ପାଇଁ ପରିବାର ବର୍ଗ ଛତ୍ରପୁରସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲା ଶ୍ରମ ଅଧିକାରୀଙ୍କୁ ଗୁହାରି କରିଛନ୍ତି। ସୁନୀଲ ସୁରଟର ରବିଏକ୍ସପୋର୍ଟ ଲିମିଟେଡ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ବୁଧବାର ଅପରାହ୍ନରେ ହଠାତ୍ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଗ୍ରାମକୁ ଫେରାଇ ଆଣିବା ସମ୍ଭବ ହେଉ ନଥିବା ଯୋଗୁଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ସୁନୀଲଙ୍କ ବଡ ଭାଇ ପ୍ରଶାନ୍ତ କୁମାର ନାହାକ। ସେ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ମୃତଦେହ ଆଣିବା ବ୍ୟବସ୍ଥା କରିବାକୁ ସ୍ମାରକପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା ଓ ବସନ୍ତ କୁମାର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଉନ୍ନୟନ କାର୍ଯ୍ୟ ଠପ୍, ଆଶା ଆଶଙ୍କାରେ ଠିକାଦାର

**ଭଞ୍ଜନଗର, ୧୩।୬(ବାବୁଲା ପ୍ରଧାନ):**

ରାଜ୍ୟରେ ୨୪ ବର୍ଷ ଧରି ଶାସନରେ ଥିବା ବିଜେଡି ସରକାରର ପତନ ଘଟିଛି। ବୁଧବାର ନୂଆ ଭାଜପା ସରକାର ଗଠନ ହୋଇଛି। ଭଞ୍ଜନଗରରେ ଭାଜପାରୁ ପ୍ରଦ୍ୟୁମ୍ନ କୁମାର ନାୟକ ବିଧାୟକ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପୂର୍ବରୁ ଭଞ୍ଜନଗର ଅଞ୍ଚଳରେ ଅନେକ ବଡ଼ ବଡ଼ ପ୍ରକଳ୍ପ କାମ ଚାଲିଥିଲା। ଆଦର୍ଶ ଆଚରଣ ବିଧି ଲାଗିଥିବା ଯୋଗୁ କୌଣସି ନୂଆ କାମ ଆରମ୍ଭ ହୋଇ ନ ଥିବା ବେଳେ ପୁରୁଣା କାମଗୁଡ଼ିକ ମନ୍ଥର ଗତିରେ ଚାଲିଥିଲା। ଗତ ୬ ତାରିଖରୁ ଆଦର୍ଶ ଆଚରଣ ବିଧି ଉଠିଯାଇଛି। ନୂଆ କାମ ପାଇଁ ନୂଆ ସରକାରଙ୍କ ଅନୁମତିକୁ ଅପେକ୍ଷା ରହିଛି। ଭଞ୍ଜନଗର ଅଞ୍ଚଳରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ବର୍ତ୍ତମାନ ପ୍ରାୟ ଠପ୍ ହୋଇଯାଇଛି। ଠିକାଦାରମାନେ ଆଶା ଆଶଙ୍କାରେ ରହୁଥିବା ଯୋଗୁ କାମ କରିବା ପାଇଁ ମନ ବଳାଉ ନାହାନ୍ତି। କାମ କଲେ କାଳେ ଅଫିସରେ ବିଲ୍ ଅଟକି ଯିବ ଆଶଙ୍କାରେ ଅଧିକାଂଶ ଠିକାଦାର କାମ କରିବାକୁ ଅନିଚ୍ଛୁକ ଥିବା ଜଣାପଡ଼ିଛି। ତେଣୁ ଠିକାଦାର ମାନେ ନିରବ ଅଛନ୍ତି। ଆଉ କେତେଜଣ ଠିକାଦାର ଯେତିକି କାମ କରିଛନ୍ତି ସେତିକ କିଭଳି ବିଲ୍ ହୋଇଯିବ ସେ ଚିନ୍ତାରେ ଲାଗି ପଡିଛନ୍ତି। ଅନ୍ୟପଟେ ଅଫିସର୍‌ମାନେ ମଧ୍ୟ ଦ୍ୱନ୍ଦ୍ୱରେ ରହୁଥିବା ଦେଖାଯାଉଛି। ଭଞ୍ଜନଗର ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପ୍ରାୟ ୧୭ ଶହ କୋଟି ବ୍ୟୟ ହେଉଛି। ଉକ୍ତ ପ୍ରକଳ୍ପ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅଂଶ ଧନରେ ହେଉଛି। କେନ୍ଦ୍ର ସରକାର ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ ଲକ୍ଷ୍ୟ ରଖିଛନ୍ତି। ତେଣୁ ଉକ୍ତ ପ୍ରକଳ୍ପ କାର୍ଯ୍ୟ ବର୍ତ୍ତମାନ ସ୍ୱାଭାବିକ ଭାବେ ଚାଲିଛି। କିନ୍ତୁ ଅନ୍ୟ କିଛି ବିଭାଗର କାମ ବନ୍ଦ ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଚାଲୁଥିବା ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ କିଭଳି ସରିବ ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ନଚେତ ଅନେକ ପ୍ରକଳ୍ପ ଅଧାପନ୍ତରିଆ ରହିଯିବା ସମ୍ଭାବନା ରହିଛି। ଭଞ୍ଜନଗରର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଟେଣ୍ଡର କାମଗୁଡ଼ିକ ବନ୍ଦ ହେବାର ନାହିଁ। ବର୍ତ୍ତମାନ ବିଭିନ୍ନ ପ୍ରକାର ଚାପରେ କାମ କରିବାକୁ ପଡୁଛି। କିଛିଦିନ ମଧ୍ୟରେ ସମସ୍ୟା ସମାଧାନ ହୋଇଯିବ। ଏହାପରେ ଉନ୍ନୟନ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିବ।



ଭଞ୍ଜନଗର ସହରରେ ବନ୍ଦ ରହିଥିବା ଏକ ପ୍ରକଳ୍ପ କାମ।

# ଜିଲା ମୁଖ୍ୟ ଚିକିତ୍ସାଳୟରୁ ୬୦ ଏସି ଗାଏବ

- ସନ୍ଦେହରେ ହସ୍ପିଟାଲର ୩ ଅଧିକାରୀ
- ସିଡିଏମ୍‌ଓ କହିଲେ ମୁଁ ଜାଣିନି, କିଛି କରି ପାରିବିନି
- ଜିଲା ପରିଷଦ ଅଧକ୍ଷଙ୍କ ହସ୍ତକ୍ଷେପ ପରେ ହେବ ତଦନ୍ତ


ଡାକ୍ତରଖାନା ୱାର୍ଡରୁ ଏସି ଖୋଲି ନିଆଯାଇଛି।

ନୟାଗଡ଼,୧୩ା୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ସର୍ଜରୀ ୱାଡ, ସେପ୍ଟିକ ୱାର୍ଡ, ମେଡିସିନ ୱାର୍ଡ, ଶିଶୁ ୱାର୍ଡ, ପୁରୁଣା ଆଉଟଡୋରରୁ ୬୦ରୁ ଊର୍ଦ୍ଧ୍ୱ ଏସି ଗାଏବ ହୋଇଛି। ଏସି ଗୁଡ଼ିକ କିଏ ନେଲା, କାହିଁକି ନେଲା, ପରିମିଶନ ନ ଥାଇ କିପରି ଏସି ନିଆଗଲା ସେନେଇ କେହି ମୁହଁ ଖୋଲୁ ନାହାନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟର ୩ ଅଧିକାରୀଙ୍କ ଏଥିରେ ହାତ ରହିଛି। ଏହି ୩ ଅଧିକାରୀ ଏ ସଂକ୍ରାନ୍ତରେ ମୁହଁ ଖୋଲୁ ନ ଥିବାରୁ ତଦନ୍ତ ଦାବି ହୋଇଛି। ଉକ୍ତ ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ରମାକାନ୍ତ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଏସି ଗାଏବ ଘଟଣା ସମ୍ପର୍କରେ ମୁଁ କିଛି ଜାଣିନି। ଏନେଇ ମୁଁ କିଛି କରି ପାରିବି ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ ମୋ ନିୟନ୍ତ୍ରଣରେ ନାହିଁ। ତେବେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ଘଟଣାରେ ହସ୍ତକ୍ଷେପ ପରେ ତଦନ୍ତ କରାଯିବ ବୋଲି କହିଛନ୍ତି। ଜିଲା ପରିଷଦ ଅଧକ୍ଷଙ୍କ ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟରେ କେତେ ଏସି ଥିଲା, କେତେ ଅଛି ସିଡିଏମ୍‌ଓଙ୍କୁ ରିପୋର୍ଟ ମଗାଯାଇଛି। ୬୦ରୁ ଊର୍ଦ୍ଧ୍ୱ ଏସି ଗାଏବ ଅଭିଯୋଗ ସଂକ୍ରାନ୍ତରେ ସେ କହିଛନ୍ତି, ଏସି ଗୁଡିକ କିଏ ନେଲା, କାହିଁକି ନେଲା ସେନେଇ କାରଣଦର୍ଶାଅ ନୋଟିସ୍ ଜାରି ହେବ। ତଦନ୍ତ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୨ ହସ୍ପିଟାଲ ମ୍ୟାନେଜରଙ୍କ ନିଲମ୍ବନ ଦାବି

ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ହସ୍ପିଟାଲ ମ୍ୟାନେଜରଙ୍କ ପାଇଁ କାମ ନ ଥିବାବେଳେ ୨ ଜଣ ହସ୍ପିଟାଲ ମ୍ୟାନେଜର ନିଯୁକ୍ତି ପାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଯଥାରେ ୨ ମ୍ୟାନେଜରଙ୍କ ପାଇଁ ସରକାର ଦରମା ସମେତ ଆନୁସଙ୍ଗିକ କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ଅପବ୍ୟୟ କରି ଚାଲିଛନ୍ତି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟସେବା ସମେତ ଅନ୍ୟ କ୍ଷେତ୍ରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ବଢୁଥିବାବେଳେ ନାନା ଅସୁବିଧାର ସମାଧାନ ନାହିଁ। ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କଲେ ୨ ହସ୍ପିଟାଲ ମ୍ୟାନେଜର ଶୁଣୁ ନ ଥିବା ଅଭିଯୋଗ ହୋଇ ଆସୁଛି। ବରଂ ଦୁଇ ମ୍ୟାନେଜର ଏସି ରୁମରେ ବସି ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇ ଆସୁଛି। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏସି ଚୋରି ଓ ଅବ୍ୟବସ୍ଥା ନେଇ କେତେଜଣ ଗଣମାଧ୍ୟମର ପ୍ରତିନିଧି ଦୁଇ ହସ୍ପିଟାଲ ମ୍ୟାନେଜରଙ୍କୁ ଗୁରୁବାର ଭେଟିଥିଲେ। ହେଲେ ଉଭୟେ ମ୍ୟାନେଜର କିଛି କହି ପାରିବେନି କହି ଗଣମାଧ୍ୟମର ପ୍ରତିନିଧିଙ୍କୁ ଖରାପ ବ୍ୟବହାର କରିଥିଲେ। ଏନେଇ ସିଡିଏମ୍‌ଓ କୁହନ୍ତି, ଦୁଇ ହସ୍ପିଟାଲ ମ୍ୟାନେଜର ମୋ କଥା ଶୁଣୁ ନାହାନ୍ତି। ବରଂ ସୁବିଧା କାମକୁ ଅସୁବିଧା କରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମ୍ୟାନେଜର ରଖି ଅନ୍ୟ ପୋଷ୍ଟକୁ ପରିବର୍ତ୍ତନ କରାଯିବାକୁ ସରକାରଙ୍କୁ ଅବଗତ କରାଇଥିବା ସେ କହିଛନ୍ତି।

### ଖତ ଖାଉଛି ୧୫୦ରୁ ଊର୍ଦ୍ଧ୍ୱ ନୂଆ ଓ ପୁରୁଣା ବେଡ୍

୧୦୦ ବେଡ୍ ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ପାଇଁ ବେଡ୍ ଅଭାବ ଯୋଗୁ ରୋଗୀ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି। ଏଭଳିସ୍ଥଳେ ୧୦୦ରୁ ଊର୍ଦ୍ଧ୍ୱ ନୂଆ ଓ ୫୦ରୁ ଊର୍ଦ୍ଧ୍ୱ ପୁରୁଣା ବେଡ୍ ପରିତ୍ୟକ୍ତ ଭାବେ ପଡିରହି ଖତ ଖାଉଛି। ଉକ୍ତ ଚିକିତ୍ସାଳୟରେ ଅନେକ ପ୍ରକୋଷ୍ଠ ଖାଲି ରହିଛି। ନୂଆ ଓ ପୁରୁଣା ବେଡ୍‌ଗୁଡିକୁ ମରାମତି କରାଯାଇ ସେଠାରେ ପକାଇଲେ ରୋଗୀ ଉପକୃତ ହୋଇ ପାରନ୍ତେ ବୋଲି ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ଏ ସଂକ୍ରାନ୍ତ ଜାଣି ନ ଥିଲି। ସେହି ବେଡ୍‌ଗୁଡିକ ଖୁବଶୀଘ୍ର କାମରେ ଲଗାଯିବ।



# ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

metroselfie@gmail.com


@ ଲଳିତ


@ ମୁକେଶ


@ ଲିପୁନ୍


@ ଶୁଭଲଗ୍ନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲଘୁ ବନଜାତ ଦ୍ରବ୍ୟର ଚୋରା ଚାଲାଣ


ରାସ୍ତା ପାର୍ଶ୍ୱରେ ଆଦିବାସୀମାନେ ମହୁଲି ଶୁଖାଉଛନ୍ତି।

### ଆଦିବାସୀଙ୍କୁ ମିଳୁନି ଉଚିତ ପ୍ରାପ୍ୟ

ଦଶପଲ୍ଲା,୧୩ା୬(ପ୍ରକାଶ କୁମାର ପାଣି)

ମୁଣ୍ଡଫଟା ଖରାରେ ବଣ ଜଙ୍ଗଲ ବୁଲି ମହୁଲ ,ଟୋଲ, ଚାରମଞ୍ଜି, କେନ୍ଦୁପତ୍ର ସଂଗ୍ରହ କରୁଥିବା ଆଦିବାସୀଙ୍କୁ ମିଳିପାରୁନି ଉପରୋକ୍ତ ସାମଗ୍ରୀର ଉଚିତ୍ ମୂଲ୍ୟ । ରକ୍ତକୁ ପାଣି କରି, ନିଜର ଜୀବିକା ନିର୍ବାହ କରୁଥିବା ଦଶପଲ୍ଲା ବ୍ଲକ୍‌ର ଶତାଧିକ ଆଦିବାସୀ ପରିବାର ଶୋଷଣର ଶିକାର ହେଉଛନ୍ତି । ବିଭିନ୍ନ ବନଜାତ ସାମଗ୍ରୀ ସଂଗ୍ରହ କରି ଆଦିବାସୀମାନେ ଏ ସବୁକୁ ସଂରକ୍ଷଣ ରଖିଥିବା ବେଳେ, ବ୍ୟବସାୟୀମାନେ ଘରକୁ ଘର ବୁଲି ଶାଗମାଛ ଦରରେ ସେହି ସାମଗ୍ରୀକୁ କିଣି ନେଉଛନ୍ତି । ବିଶେଷକରି ଚଳିତ ବର୍ଷ ସରକାର ନୟାଗଡ଼ ଜିଲା ପାଇଁ ଲଘୁବନଜାତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରି ନ ଥିବାରୁ, ଆଦିବାସୀ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି । ଏହାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ଏକାଧିକ ଟନ୍ ଲଘୁ ବନଜାତ ଦ୍ରବ୍ୟ ମହଜୁଦ କରି ରଖୁଥିବା ବେଳେ ଏସବୁକୁ ବାହାର ରାଜ୍ୟକୁ ଚଢ଼ା ଦରରେ ଚାଲାଣ କରୁଛନ୍ତି । ବିଶେଷକରି ଜିଲା ପ୍ରଶାସନର କୋହଳ ମନୋଭାବ ପାଇଁ ଆଦିବାସୀ ପରିବାର ପରିଶ୍ରମର ଉଚିତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି । ପ୍ରଶାସନର ସ୍ଥାଣୁତାର ସୁଯୋଗ ନେଇ ବେଧଡ଼କ ଭାବେ ଲଘୁ ବନଜାତ ଦ୍ରବ୍ୟର ଚୋରା ଚାଲାଣ ବଢ଼ି ଚାଲିଛି । ଏ ଦିଗରେ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ଆଦିବାସୀମାନେ ଦାବି କରିଛନ୍ତି ।

# ଆଧ୍ୟାତ୍ମିକ ସ୍ନେହ ମିଳନ ଉତ୍ସବ

ଖଣ୍ଡପଡ଼ା,୧୩ା୬
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତସ୍ଥି ଚାଉପଲ୍ଲୀ ବ୍ରହ୍ମାକୁମାରୀ ଗୀତା ପାଠଶାଳା ଶିବସ୍ମୃତି ଭବନ ପରିସରରେ ଗୁରୁବାର ଆଧ୍ୟାତ୍ମିକ ସ୍ନେହ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜୟକୃଷ୍ଣ ଶତପଥୀ ପୌରୋହିତ୍ୟ କରି ଅନୁଷ୍ଠାନର ମୁଖ୍ୟଲକ୍ଷ୍ୟ ସମ୍ପର୍କରେ ସୂଚନା ଦେବା ସହ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଶିକ୍ଷା ହେଉଛି ଅଦ୍ୱିତୀୟ, ଏହାର ଶିକ୍ଷାକୁ ଆବାଳ ବୃଦ୍ଧ ବନିତା ସମସ୍ତେ ଜାତି, ଧର୍ମ ନିର୍ବିଶେଷରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଚଳିତ ରଜ ପର୍ବ ଅବସରରେ ଏଠାରେ ଖଳିସାହି ଅଞ୍ଚଳର କନ୍ୟାରତ୍ନ ସାଇ ଶିବାଂଶୀର ଦ୍ୱିତୀୟ ଜନ୍ମ ଉତ୍ସବ ପାଳନ କରାଯାଇଥିଲା । କାର୍ଯ୍ୟକ୍ରମର ଅତିଥି ଭାବେ ପୂର୍ବତନ ବ୍ଲକ୍ ଅଧକ୍ଷା ସୀତା ସ୍ୱାଇଁ, ଭାପୁର ବ୍ଲକ୍‌ର ପୂର୍ବତନ ଉପାଧକ୍ଷ ଗୟାଧର ପରିଡ଼ା, ଖଳିସାହି ସରପଞ୍ଚ ଫକୀର ଚରଣ ଦାସ, ଆଠଗଡ଼ର ରାଜ ଯୋଗିନୀ ରୀତା ଭଉଣ, ଦିଲ୍ଲୀପ ନାୟକ, ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ, ନୂଆପାଟଣା ଅଞ୍ଚଳର ଇଂ.ଜଳନ୍ଧର ବେହେରା, ବିଷ୍ଣୁ ପ୍ରସାଦ ପ୍ରମୁଖ ଯୋଗଦେଇ ରଜପର୍ବ ସମାଜରେ ଭାଇଚାରା ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ଭାରତ ଗଠନରେ ନାରୀଶକ୍ତିର ଭୂମିକା ସମ୍ପର୍କରେ ଆଲୋକପାତ କରି ନାରୀ ଶକ୍ତିକୁ ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନୁଷ୍ଠାନର ମୁଖ୍ୟ ରାଜ ଯୋଗିନୀ ଜ୍ୟୋତ୍ସ୍ନା କାର୍ଯ୍ୟକ୍ରମକୁ ସଂଯୋଜନା କରି ସାଂପ୍ରତିକ ପରିସ୍ଥିତିରେ ସମାଜରେ ନାରୀଶକ୍ତି ଦୁର୍ବଳ ହେଉଥିବା ବେଳେ ମନୁଷ୍ୟ ନିଜ ସ୍ଥିତି ତଥା ବାସ୍ତବତାକୁ ଉପଲବ୍ଧି କରି ସତ୍‌ପଥରେ ପଥିକ ହୋଇ ପାରିଲେ ସେ ଜଣେ ମହାନ ବ୍ୟକ୍ତି ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶିଲୁ, ଶିବାନୀ, ରଶ୍ମିତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ଖଳିସାହି, ମାଧପୁର, ମର୍ଦ୍ଦରାଜପୁର, ବେଣାଗାଡିଆ, ଚାଉପଲ୍ଲୀ , ସିଂଘାପଡା, ଗଡିଆସାହି, ମାଧପୁର, ପଥରଚକଡା, କଳଟାଙ୍ଗୀ, କଳପଙ୍ଗି, କର୍ଣ୍ଟିଲୋ ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ବ୍ରହ୍ମା କୁମାରୀ ଓ ବ୍ରହ୍ମା କୁମାର ଯୋଗଦେଇଥିଲେ । ରାମଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।


ଆଧ୍ୟାତ୍ମିକ ସ୍ନେହ ମିଳନ ଉତ୍ସବରେ ଯୋଗଦେଇଥିବା ଅତିଥି।

# ରଘୁନାଥ ମନ୍ଦିରର ସୁରକ୍ଷା ଲୋଡ଼ା: ସେବାୟତ ସଂଘ

ଓଡ଼ଗାଁ,୧୩ା୬
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ସହରରେ ଦିନକୁ ଦିନ ଚୋରି, ଲୁଟ୍ ଆଦି ବୃଦ୍ଧି ପାଇବାରେ ଲାଗିଛି। ଗତ ଶ୍ରୀରାମ ନବମୀ ଯାତ୍ରାରେ କେତେଜଣ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍, ବାଇକ୍ ଚୋରି ହୋଇଥିଲା । ହେଲେ ପୋଲିସ ଏହାର କୌଣସି ସୁରାକ ପାଇପାରିନାହିଁ। ଫଳରେ ଶ୍ରୀରଘୁନାଥ ମନ୍ଦିର ଓ ଏହାର ସୁନା ଗହଣାର ସୁରକ୍ଷାକୁ ନେଇ ସେବାୟତଙ୍କ ଚିନ୍ତା ବଢିଛି। ମନ୍ଦିର ପରିସରରେ ଏକ ପୋଲିସ ଫାଣ୍ଡି ଥିଲେ ମଧ ସେଠାରେ କୋଣସି ପୋଲିସ କର୍ମଚାରୀ ରହୁ ନ ଥିବା ଦର୍ଶାଇ ବୁଧବାର ଓଡ଼ଗାଁ ସେବାୟତ ସଂଘ ପକ୍ଷରୁ ନୟାଗଡ଼ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦେଶର ବିଭିନ୍ନ ସ୍ଥାନରୁ ଶ୍ରୀରଘୁନାଥ ଜୀଉଙ୍କ ଦର୍ଶନ ପାଇଁ ବହୁ ଯାତ୍ରୀ ଆସୁଛନ୍ତି । ଉକ୍ତ ମନ୍ଦିର ସ୍ୱର୍ଣ୍ଣ କଳସରେ ଭରି ରହିଛି। ରାତି ହେଲେ ଏହି ଅଞ୍ଚଳ ଜନଶୂନ୍ୟ ହେଉଥିବାରୁ ଅନେକ ଅଜଣା ବ୍ୟକ୍ତି ଚଳପ୍ରଚଳ କରୁଥିବା ଲୋକେ କହିଛନ୍ତି। ମନ୍ଦିରରେ କୌଣସି ପୋଲିସ କର୍ମଚାରୀ ରହୁ ନ ଥିବା ବେଳେ ଦେବୋତ୍ତର ବିଭାଗ ପକ୍ଷରୁ ସୁରକ୍ଷା ପ୍ରତି ଆଖିବୁଜି ଦିଆଯାଇଛି। ତୁରନ୍ତ ଉକ୍ତ ମନ୍ଦିରର ସୁରକ୍ଷା ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ମନ୍ଦିର ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କୁ ଭେଟି ମନ୍ଦିର ଫାଣ୍ଡି ପାଇଁ ଆବଶ୍ୟକ ପୋଲିସ କର୍ମଚାରୀ ଯୋଗାଇ ଦେବାକୁ ଦାବି କରିଛନ୍ତି। ମନ୍ଦିରର ସୁରକ୍ଷା ଦୃଷ୍ଟିରୁ ଜଣେ ଏସ୍‌ଆଇଙ୍କ ସମେତ କନ୍‌ଷ୍ଟେବଲ ଓ ହୋମଗାର୍ଡ଼ଙ୍କୁ ନିଯୁକ୍ତି ଦିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି ।

# ଜୟ ଶ୍ରୀରାମ, ବ୍ରଦର୍ସ ଇଲେଭେନ, ଇଲେଭେନ ଏମ୍ପୋରର ବିଜୟୀ

### ଓଡ଼ଗାଁ କ୍ରିକେଟ୍ ଲିଗ୍‌ର ତୃତୀୟ ଦିବସ

ଓଡ଼ଗାଁ,୧୩ା୬(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ମିନି ଷ୍ଟାଡିୟମଠାରେ ଚାଲିଥିବା ରଘୁନାଥ ଆଥ୍‌ଲେଟିକ ଆସୋସିଏଶନର ୧୫ତମ ଓଡ଼ଗାଁ କ୍ରିକେଟ୍ ଲିଗ୍(ଓସିଏଲ)ର ଗୁରୁବାର ତୃତୀୟ ଦିବସ ମ୍ୟାଚ୍‌ରେ ଜୟ ଶ୍ରୀରାମ, ବ୍ରଦର୍ସ ଇଲେଭେନ, ଇଲେଭେନ ଏମ୍ପୋରର ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ପ୍ରଥମ ମ୍ୟାଚ ଜୟ ଶ୍ରୀରାମ ଓ ଭାଇପର କିଙ୍ଗ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟ ଶ୍ରୀରାମ ଦଳ ଟସ୍ ଜିତି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ବିନିମୟରେ ୧୧୭ ରନ କରିଥିଲା। ପ୍ରତିପକ୍ଷ ଭାଇପର କିଙ୍ଗ ୮.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୫୭ ରନ୍ କରିଥିଲା। ବିଜୟୀ ଜୟ ଶ୍ରୀରାମ ଦଳର ରାମନାଥ ସାହୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ବ୍ରଦର୍ସ ଇଲେଭେନ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୩୨ ରନ କରିଥିବା ବେଳେ ପ୍ରତିପକ୍ଷ ଜୟ ଶିବ ଦଳ ସଂଘର୍ଷପୂର୍ଣ୍ଣ ଖେଳ ଖେଳି ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ହରାଇ ୧୧୭ ରନ କରି ପରାଜୟ ବରଣ କରିଥିଲା। ବିଜୟୀ ଦଳର ବ୍ରଦର୍ସ ଇଲେଭେନର ଅନନ୍ତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ତୃତୀୟ ମ୍ୟାଚ ଇଲେଭେନ ଏମ୍ପୋରିୟର ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୧୩ ରନ କରିଥିବା ବେଳେ ପ୍ରତିପକ୍ଷ ଛାମୁସ ଲାୟନ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୭୭ ରନ୍ କରି ପରାଜୟ ବରଣ କରିଥିଲେ। ଇଲେଭେନ ଏମ୍ପୋରିୟର ଦଳରର ଖେଳାଳି ଉମାକାନ୍ତ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଓଡ଼ଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଦିବାକର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଦଲ, ମିଥୁନ, ରୋହନ, ରାମ, ଅମ୍ରି, ତିତିଲ, ଶୁଭମ, ଗୋପାଳକୃଷ୍ଣ ଆଜିର ଖେଳ ପରିଚାଳନା କରିଥିଲେ। ଶୁକ୍ରବାର ଅନ୍ୟ ୩ ମ୍ୟାଚ ଅନୁଷ୍ଠିତ ହେବ।



ଜଣେ କୃତୀ ଖେଳାଳିଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ୩ ଆନ୍ତଃ ରାଜ୍ୟ ଡକାୟତଙ୍କୁ କାବୁକଲେ ଗ୍ରାମବାସୀ

- ପୋଲିସ ଜିମା ଦେଲେ
- କାର୍, ମାଉଜର, ଗୁଳି ସହ ଚୋରି ସାମଗ୍ରୀ ଜବତ

ରଣପୁର,୧୩ା୬
(ସୁକାନ୍ତ କିଶୋର ଡାକୁଆ)

ଏକ ବଡ଼ ଡକାୟତି ପାଇଁ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ୍ ଯୋଜନା ପ୍ରସ୍ତୁତ କରୁଥିଲାବେଳେ ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଧରାପଡିଛନ୍ତି । ଗ୍ରାମବାସୀ କାବୁ କରିଥିବା ୩ ଡକାୟତଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ସେମାନଙ୍କଠାରୁ କାର୍, ମାଉଜର, ଗୁଳି ଓ ଚୋରି ସାମଗ୍ରୀ ଜବତ କରାଯାଇଛି ବୋଲି ଗୁରୁବାର ରଣପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୁଧାକର ସାହୁ ସୂଚନା ଦେଇଛନ୍ତି।

ଗତ କିଛି ମାସ ହେବ ଡକାୟତମାନେ ବିଭିନ୍ନ ପଞ୍ଚାୟତ ଅଫିସ, ଲୋକଙ୍କ ଘରୁ ବିଭିନ୍ନ ଦାମୀ ସାମଗ୍ରୀ ସହିତ ସୁନାରୁପା ଅଳଙ୍କାର, ଟଙ୍କା ଚୋରି କରି ନେଉଥିବା ରଣପୁର ଥାନାରେ ଅଭିଯୋଗ ହେଉଥିଲା। ଗତ ୩ ତାରିଖ ରାତି ଗୋଟାଏ ସମୟରେ କାଣ୍ଡପଡ଼ା ଗ୍ରାମର କେତେଜଣ ଗ୍ରାମବାସୀ ସରପଞ୍ଚଙ୍କୁ ଫୋନ କରି ପଞ୍ଚାୟତ ଅଫିସ ସମ୍ମୁଖରେ ଏକ ଧଳା ରଙ୍ଗର କାର(ନଂ.ଓଡ଼ି-୦୭-ଆର-୧୦୬୦) ସନ୍ଦେହଜନକ ଭାବେ ଠିଆ ହୋଇଥିବା ଜଣାଇଥିଲେ। ସରପଞ୍ଚ କେତେଜଣ ଗାଁ ଲୋକଙ୍କ ସହିତ ପଞ୍ଚାୟତ ଅଫିସରେ ପହଞ୍ଚି ଥିଲେ। ସରପଞ୍ଚ ପହଞ୍ଚିବା ପରେ କାରର ଡ୍ରାଇଭର ଗାଡ଼ିକୁ ଦ୍ରୁତଗତିରେ ନେଇ ସେଠାରୁ ପଳାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ କାରଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିଲା। ଫଳରେ ଡ୍ରାଇଭର କାର ଛାଡି ସେଠାରୁ ଅନ୍ଧାରରେ ଦୌଡ଼ି ପଳାଇବାକୁ ସକ୍ଷମ ହୋଇଥିଲେ। କାର ଭିତରେ ଥିବା ଅନ୍ୟ ଜଣେ ଡକାୟତ ଗ୍ରାମବାସୀଙ୍କୁ ବନ୍ଧୁକ ଓ ମାଉଜର ଦେଖାଇ ସେଠାରୁ ଖସି ଯିବାକୁ ଉଦ୍ୟମ କରୁଥିଲେ। ହେଲେ ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୩ ଆନ୍ତଃରାଜ୍ୟ ଡକାୟତଙ୍କୁ ସେଠାରେ ଗ୍ରାମବାସୀ କାବୁ କରି ନେଇଥିଲେ। ଏହାପରେ ଗ୍ରାମବାସୀ କାର ଭିତର ତଲାସୀ କରିବାରୁ ୨ଟି ଏଲଇଡି ଟିଭି, ଗୋଟିଏ ଇନଭର୍ଟର ବ୍ୟାଟେରି, ଗୋଟିଏ ଇନଭର୍ଟର ସହିତ କେତେକ ମାରଣାସ୍ତ୍ର ଥିବା ଦେଖିଥିଲେ। ଏ ନେଇ କାଣ୍ଡପଡ଼ା ସରପଞ୍ଚ ବିଜୟ କୁମାର ଦଳବେହେରା ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ରଣପୁର ପୋଲିସ ଏକ ମାମଲା(ନଂ.୨୧୧/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ୩ ଡକାୟତଙ୍କୁ ଗିରଫ କରିବା ସହିତ କାର ଓ ଚୋରି ସାମଗ୍ରୀ ଜବତ କରିଛି। ଗିରଫ ଡକାୟତମାନେ ହେଲେ ବିହାର ରାଜ୍ୟ ବଙ୍କା ଜିଲା ପଠାନ ଗ୍ରାମର ରତନ କୁମାର(୧୯), କଟକ ଜିଲା ରାମଚଣ୍ଡୀ ଗ୍ରାମର ଶଙ୍କର ସ୍ୱାଇଁ (୨୪) ଓ ରତଗଡା ଗ୍ରାମର ଅଶୋକ ବାରିକ (୩୪)। ମୁଖ୍ୟ ଅଭିଯୁକ୍ତ ବାଙ୍କୀ ଗ୍ରାମର ସୁଶାନ୍ତ ପାତ୍ର ଓରଫ ବଣ୍ଟି ଘଟଣାସ୍ଥଳରୁ ଫେରାର ଥିବା ପୋଲିସ କହିଛି। ମୁଖ୍ୟ ଅଭିଯୁକ୍ତ ବଣ୍ଟିକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ଆଉ କେଉଁ ଥାନାରେ ମାମଲା ରହିଛି ତା'ର ତଦନ୍ତ ଚାଲିଛି। ଗିରଫ ଡକାୟତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି।



ପୋଲିସ କବ୍‌ଜାରେ ଗିରଫ ୩ ଡକାୟତ ଓ ଜବତ କାର୍।

